## ଜାତିଆଣ ଆକ୍ଷେପରୁ ସ୍କୁଲରେ ବିବାଦ

# ଦୁଇ ସାହି ମଧ୍ୟରେ ଢେଲା ପଥର ମାଡ଼

ଖଲ୍ଲିକୋଟ,୨୩।୧(ସମିସ)



ଜାତିଆଣ ଆକ୍ଷେପକୁ ନେଇ ସ୍କୁଲରେ ଘଟିଯାଇଛି ତୁମୁଳକାଣ୍ଡ। ବିଦ୍ୟାଳୟକୁ ୪ ଦିନ ହେଲା ପିଲା ଆସୁ ନାହାନ୍ତି। ଏହାକୁ ନେଇ ରାତିରେ ଦୁଇ ସାହି ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇ ଢେଲା ପଥର ମାଡ଼ ହୋଇଛି ଏବଂ ଏଥିରେ କିଛି ଲୋକ ଗୁରୁତର ଆହତ ହୋଇଛନ୍ତି। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ପଥରା କଣ୍ଡରା ପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦୦ରୁ ଊର୍ଦ୍ଧ ଛାତ୍ରଛାତ୍ରୀ ପଢୁଛନ୍ତି। ଗତ ୧୭ ତାରିଖରେ ସ୍କୁଲରେ ଅନୁଷ୍ଠିତ ଅଭିଭାବକ ବୈଠକରେ କଣ୍ଡରାପଡାର କିଛି ଅଭିଭାବକ ପଥରା ତଳ ସାହି ଓ କପିଳେଶ୍ୱର ସାହିର ଅଭିଭାବକଙ୍କୁ ସେମାନଙ୍କ ପିଲାମାନଙ୍କୁ ଏହି ବିଦ୍ୟାଳୟକୁ ନ ଛାଡି ନିଜ ସାହି ବିଦ୍ୟାଳୟରେ ପାଠ ପଢ଼ାଇବାକୁ କହିଥିଲେ। ଯାହାକୁ ନେଇ ସେଠାରେ ଏକ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ନିଜ ପିଲା ମାନଙ୍କ ସୁରକ୍ଷା ଚିନ୍ତା କରି ସେହିଦିନ ଠାରୁ ପିଲା ମାନଙ୍କୁ ଆଉ ସ୍କୁଲକୁ ଛାଡି ନଥିଲେ। ଯାହା ଫଳରେ ଗତ ୪ ଦିନ ହେଲା ସ୍କୁଲରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅନୁପସ୍ଥିତ ରହୁଥିଲେ। ଏହି ଖବର ପାଇ ଗୁରୁବାର ସନ୍ଧ୍ୟାରେ ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ଓ ସିଆରସିସି ପ୍ରକାଶ ସେଠି ପହଞ୍ଚି ଗ୍ରାମବାସୀଙ୍କ ସହିତ ଦୀର୍ଘ ୪ ଘଣ୍ଟା ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଗ୍ରାମବାସୀ ନିଜ ପିଲା ମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେହି ବିଦ୍ୟାଳୟକୁ ଆଉ ଛାଡିବେ ନାହିଁ ଏବଂ ତୁରନ୍ତ ଟିସି ଦେବାକୁ ଦାବି କରିଥିଲେ। କିନ୍ତୁ ବାର୍ଷିକ ପରୀକ୍ଷାକୁ ଆଉ ମାତ୍ର ଦେଢ଼ ମାସ ବାକି ଥିବା ବେଳେ ବର୍ତ୍ତମାନ ଟିସି ଦେବା ସମ୍ଭବ ନୁହେଁ ବୋଲି ବିଇଓ କହିବା ପରେ ବିବାଦର କୌଣସି ସମାଧାନ ହୋଇ ପାରି ନଥିଲା। ରାତି ୯ଟାରେ ବିଇଓ ସେଠାରୁ ଫେରି ଆସିଥିଲେ। ତେବେ ଏହାପରେ ଏହି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଏବଂ ବିଳମ୍ବିତ ରାତିରେ ଉଭୟ ପକ୍ଷ ମଧ୍ୟରେ ଢେଲା ପଥର ମାଡ ହୋଇଥିଲା। ଏଥିରେ କିଛି ଲୋକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଏବଂ ରମ୍ଭା ପୁଲିସ ଓ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ବର୍ତ୍ତମାନ ସେଠାରେ ପରିସ୍ଥିତି ନିୟନ୍ତ୍ରଣ ରହିଥିବା ବେଳେ ଦୁଇ ସେକ୍ସନ ପୁଲିସ ଫୋର୍ସ ମୁତୟନ ହୋଇଥିବା ସୂଚନା ମିଳିଛି। ତେବେ ଏହି ବିବାଦର ସମାଧାନ ପାଇଁ ଶୁକ୍ରବାର ଭେଜିପୁଟ ଫାଣ୍ଡିରେ ଉଭୟ ପକ୍ଷ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଆଇଆଇସି ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ରଙ୍କ ଉପସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ଶେଷରେ ପଥରା ତଳ ସାହି ଓ କପିଳେଶ୍ୱର ସାହି ବାସିନ୍ଦା ନିଜ ପିଲା ମାନଙ୍କୁ କଣ୍ଡରାପଡା ବିଦ୍ୟାଳୟକୁ ଛାଡିବା ପାଇଁ ରାଜି ହୋଇଥିବା ଆଇଆଇସି ସୂଚନା ଦେଇଛନ୍ତି।

## ପୂର୍ବଶତ୍ରୁତାରୁ ଦମ୍ପତିଙ୍କୁ ଆକ୍ରମଣ; ଦୁଇ ଭାଇ ଗିରଫ

ସାନଖେମୁଣ୍ଡି,୨୩।୧(ସମିସ): ପାଟପୁର ଥାନା ପେଣ୍ଠୁରାଖାଲି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀ ଓ ସ୍ତ୍ରୀଙ୍କୁ ଆକ୍ରମଣ ହେଇଥିଲା। ଏହି ମାମଲାରେ ପୁଲିସ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ପେଣ୍ଠୁରାଖାଲି ଏ.ଜୟଗୁରୁ ପାତ୍ର ଓ ଏ.ପୂର୍ଣ୍ଣଗୁରୁ ପାତ୍ର। ଗୁରୁବାର ପୂର୍ବାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଅଭିଯୁକ୍ତ ସୀମାଞ୍ଚଳଙ୍କୁ ଗାଳି ଗୁଲଜ କରିବା ସହ ଠେଙ୍ଗା ଓ କୁରାଢ଼ିରେ ଆକ୍ରମଣ କରିଥିଲେ। ଏତିକିବେଳେ ଗେଲି ଗୌଡ଼ ଆସି ବୁଝାଶୁଝା କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଦମ୍ପତି ଗୁରୁତର ହୋଇଥିଲେ। ପ୍ରାଥମିକ ଚିକିତ୍ସା ପାଇଁ ଉଭୟ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଫେରି ଗେଲି ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ୩୨/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## କବିସୂର୍ଯ୍ୟ ବଳଦେବ ଜୟନ୍ତୀ ପାଳିତ




କବିସୂର୍ଯ୍ୟନଗର,୨୩।୧(ସମିସ): କବିସୂର୍ଯ୍ୟ ସ୍ମୃତି ସଂସଦ ପକ୍ଷରୁ କବିସୂର୍ଯ୍ୟଙ୍କ ଜନ୍ମ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ପ୍ରଫେସର କୈଳାସ ନାଥ ସ୍ୱାଇଁ। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଘୁମୁସର ଲେଖିକା ସାମ୍ମୁଖ୍ୟର ସଭାନେତ୍ରୀ ମାହେଶ୍ୱରୀ ଦୋରା, ମୁଖ୍ୟବକ୍ତା ଡ଼. ବସନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଶ୍ୱନାଥ ରାଉତ ମଞ୍ଚାସୀନ ଥିଲେ। ଏଥିରେ କବିସୂର୍ଯ୍ୟଙ୍କ ପ୍ରକୃତ ଜନ୍ମସ୍ଥାନ ଆଠଗଡ଼ ବୋଲି ଆଇନଜୀବୀ ଅଶୋକ କୁମାର ମହାରଣା, ଶିକ୍ଷାବିତ ପଞ୍ଚାନନ ନାୟକ, ବିକ୍ରମ କୁମାର ଚର୍ଚ୍ଚି, ସୂର୍ଯ୍ୟନାରାୟଣ ଭୂୟାଁ, ଶରତ କୁମାର ଡାକୁଆ, ପଦ୍ମଚରଣ ଦାସ, ଆଡ଼ଭୋକେଟ ମୁରଲୀଧର ପାଣିଗ୍ରାହୀ, ରସଳ ଦାସ ଗବେଷଣା।କ ମନ୍ତବ୍ୟ ପ୍ରଦାନ କରିଥିଲେ। ଓକିଲ ଯଦୁକୁଳ ପଟ୍ଟନାୟକ ଓ ଶରତ ଡାକୁଆ କବିସୂର୍ଯ୍ୟ କବିସୂର୍ଯ୍ୟ ଚମ୍ପୁ, ଛାନ୍ଦ ଗାନ କରିଥିଲେ। ଶିକ୍ଷାବିତ ନିତ୍ୟାନନ୍ଦ ପୋଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟନ୍ତୀରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

କବିସୂର୍ଯ୍ୟନଗର,୨୩।୧(ସମିସ): କବିସୂର୍ଯ୍ୟନଗର ଜାଗରଣ ମଞ୍ଚ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାଗରଣ ମଞ୍ଚ ସଭାପତି ପ୍ରଭାତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବୁଗୁଡ଼ା କରତୁଲି ମଠ ସନ୍ଥ ସତ୍ୟାନନ୍ଦ ଗିରି, ଅନ୍ୟତମ ସୁବକ୍ତା ଓସିଙ୍ଗି ମଠ ମହନ୍ତ ଭାସ୍କର ଦାସ, ସମ୍ମାନିତ ଅତିଥି ନଗର ସଭାପତି ଅଶୋକ କୁମାର ଜେନା, ଡ଼. କଂଗ୍ରେସ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡେଣ୍ଟାଲ କ୍ଲିନିକ ପ୍ରତିଷ୍ଠାତା ଡା. କଂଗ୍ରେସ ପ୍ରଧାନ, ଦିବ୍ୟ ଜୀବନ ସଂଘ ସମ୍ପାଦକ ଗୌରୀ ନାରାୟଣ ପାତ୍ର, ଆର୍ଟରେ ସୁଶାନ୍ତ ମହାନ୍ତି, ଶିକ୍ଷାବିତ ସୀମାଞ୍ଚଳ ପାଣି, ସନ୍ଥ ସତ୍ୟାନନ୍ଦ ଗିରି ଓ ବିଧାୟକ ପ୍ରତାପ ନାୟକଙ୍କୁ ପ୍ରଶଂସା ପତ୍ର ସହ ଉତ୍ତରୀୟ ପ୍ରଦାନ କରିଥିଲେ। ସଂଯୋଜନା କରିଥିଲେ ଜାଗରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଛତ୍ରପୁର,୨୩।୧(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଛତ୍ରପୁରର ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଳନ କରାଯାଇଛି। ଟ୍ରଷ୍ଟର ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ ଭିଆଇପି ରୋଡରେ ଥିବା ଉଭୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଛତ୍ରପୁର ବିଜେଡି ନଗର ସଭାପତି ବି.ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର ପ୍ରୀତିଛନ୍ଦା ସାମଲ, ଡି. ଇନ୍ଦୁ, ମମତା ପାତ୍ର, ସନ୍ତୋଷୀ ସେଠି ଓ ବି. ନିଶ୍ଚଳା, ଯୁବବିଜେଡି ରାଜ୍ୟକାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି ଓ ମନୋଜ କୁମାର ପାଢ଼ୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ସୁରେନ୍ଦ୍ର ପାଢ଼ୀ, ସମ୍ପାଦକ ସୋମନାଥସାହୁ, ପୂର୍ବତନ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

**କୁକୁଡାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁଣ୍ଠବନ୍ଧ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂଗଠନ "ଆଞ୍ଚଳିକ ବିକାଶ ପରିଷଦ"ର ସଭାପତି ସାଗର କୁମାର ପାତ୍ର ଓ ଉପଦେଷ୍ଟା ନଳିନୀ କାନ୍ତ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂଗୀତା ସାମଲ, ରୁନୁ ବରାଡ଼, ରେଣୁଝରା ପୁଷ୍ପଶ୍ରୀ ଓ ଗୀତାଞ୍ଜଳି ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

### ଚୋରଙ୍କ ଟେର୍ ପାଉନି ପୁଲିସ

## ୪ ଦିନରେ ୧୦ ଘରୁ ଚୋରି



ସାନଖେମୁଣ୍ଡି,୨୩।୧(ସମିସ): ପାଟପୁର ଥାନା ଅଧିନରେ ୪ ଦିନ ହେଲା ଲଗାତାର ଚୋରି ହେଉଥିବା ବେଳେ ପୁଲିସର ହାତ ଖାଲି ରହିଛି। ଗୁରୁବାର ବିଳମ୍ବିତ ରାତ୍ର ପାଟପୁର ଥାନା ଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା ବଢେଇ ସାହିର ବସନ୍ତ କୁମାର ସାବତଙ୍କ ଘରର ୫ଟି କବାଟ ଭାଙ୍ଗି ଘରେ ଥିବା ସୁନାର ମୁଦି ୨୦ଟି, ସୁନାର ମଙ୍ଗଳସୂତ୍ର ୪ଟି, ସୁନାର ଚେଇନ ୨ଟି, ସୁନାର କାନ ଫୁଲ ଓ ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା ଚୋର ଦଳ ଚୋରି କରି ନେଇଯାଇଥିଲେ। ଏନେଇ ବସନ୍ତ ପାଟପୁର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଦୀପ୍ତୀ ରଞ୍ଜନ ବେହେରା ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି। ଆଇପିଏସ୍ (ପ୍ରୋବେସନର) ନିତେଶ କୁମାର ମିଶ୍ର ପାଟପୁର ଥାନାରେ ପହଞ୍ଚି ଚୋରି ହୋଇଥିବା ଘର ଗୁଡ଼ିକରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି। ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ଆଖ ପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ଚିରିକିପଡ଼ା ଶାସନ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ପୋଲସରା,୨୩।୧(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ପଡ଼ିଆରେ ଚିରିକିପଡା ଶାସନ ପ୍ରିମିୟର ଲିଗ୍ ଫାଇନାଲ ରେଜଲଭାଙ୍ଗି ୱାରିୟର୍ସ ଏକାଦଶ ଚମ୍ପିୟାନ ହୋଇଛି। ଆୟୋଜକ ଦୀପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପିତ ଦିବସରେ ମୁଖ୍ୟ ଅତିଥି ଭାବେ ଚିରିକିପଡା ଶାସନ ସେବା ସମବାୟ ସମିତିର ସମ୍ପାଦକ ଶିବ ଶଙ୍କର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରୋହିତ ପ୍ରଧାନ, ଦେବାଶିଷ ପ୍ରଧାନ, କାହ୍ନୁ ସାହୁ, ସନ୍ତୋଷ ପ୍ରଧାନ ଯୋଗଦେଇଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୭୫୦୫ ଟଙ୍କା ଓ ଉପବିଜେତାକୁ ଟ୍ରଫି ସହ ୫୦୦୧ ଟଙ୍କା ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ବଳରାମ ସାହୁ ଓ ଦିପକ ଜେନା ଖେଳ ପରିଚାଳନା କରିଥିଲାବେଳେ ନାରାୟଣ ସାହୁ, ବଳରାମ ଗୌଡ଼, ବାସୁଦେବ ନାୟକ, ମୁନା ପୋଲାଇ, ରାଜା ସାହୁ, ସୁମନ ସାହୁ, ପବିତ୍ର ସାହୁ, ହାଡ଼ିମୁନା ସାହୁ,ଟୁନା ପ୍ରଧାନ, ବାବୁଲା ଜେନା ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

## ୫ଟି ଶ୍ରେଣୀକୁ ଗୋଟିଏ କଳାପଟା

ପୋଲସରା,୨୩।୧(ସମିସ): ଭଙ୍ଗା କଣା ଟିଣ ଘରେ ଚାଲିଛି ପିଲାଙ୍କ ଭବିଷ୍ୟ ଗଢ଼ା। ଭବିଷ୍ୟତ ଗଢୁଥିବା ଶିକ୍ଷାକେନ୍ଦ୍ର ଏବେ ନିଜ ଭବିଷ୍ୟତ ପାଇଁ ଚିନ୍ତାରେ ଅଛି। ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି ସତ କିନ୍ତୁ ପାଠ ପଢ଼ାଇବା ପାଇଁ ନା ଅଛି ଭଲ ଶ୍ରେଣୀଗୃହ ନା ଅଛି ଅନୁସାଙ୍ଗିକ ପାଠ୍ୟ ସାମଗ୍ରୀ। ମାତ୍ର ୪୦୦ ବର୍ଗଫୁଟ କୋଠରୀରେ ପାଳି କରି ପାଠ ପଢ଼ାଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଖାଲି ଲୋକଦେଖାଣିଆ ପାଇଁ ପିଲା ବସି ପାଠ ପଢିବା ପାଇଁ ପଡିଛି ଚକାଚକ୍ ଟାଇଲ୍ କିନ୍ତୁ ଉପରକୁ ଢାଙ୍କି ହୋଇ ରହିଛି ପୁରୁଣା ଦଦରା ଫଟା ଟିଣ ଓ କଣା କଣା ଆଜବେଷ୍ଟ। କୋଉଠି କାନ୍ଥ ଫାଟି ଆଁ କଲାଣି ତ କେଉଁଠି ଟିଣ ପଟୁ ସୂର୍ଯ୍ୟ ଚନ୍ଦ୍ର ଦେଖାଯିବା ସହ ଅସରାଏ ବର୍ଷାରେ ପାଣି ଗଳୁଛି। ଶିକ୍ଷାର ଏମିତି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ମଥୁରା ପଞ୍ଚାୟତ ଅନ୍ତର୍ଗତ କାକୁଡ଼ିଆ ପ୍ରକଳ୍ପ ବିଦ୍ୟାଳୟରେ। ଏହି ବିଦ୍ୟାଳୟଟି ୨୦୧୪ ମସିହା ନିକଟସ୍ଥ ଗୁଡିମାଳରେ ସ୍ଥାପିତ ହୋଇଥିଲା। ପ୍ରାରମ୍ଭରୁ ହିଁ ଏହି ବିଦ୍ୟାଳୟଟି ଏକ ଝାଟିମାଟି କୋଠ ଘରୁ ଆରମ୍ଭ ହୋଇଥିଲା ପରେ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ନଜରରେ ରଖି ଏହାକୁ ନିକଟସ୍ଥ କାହ୍ନୁଚରଣ ଉଚ୍ଚବିଦ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯାଇ ପାଠପଢା ଚାଲୁ ରହିଛି। ଉକ୍ତ ବିଦ୍ୟାଳୟର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଭିତ୍ତିଭୂମି ନଥିବା ଯୋଗୁଁ ଗୋଟିଏ ଭଙ୍ଗା କୋଠରୀରେ ୫ଟି ଶ୍ରେଣୀର ୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପାଠ ପଢା ଚାଲିଛି। ଏଠି ଗୋଟିଏ ମାତ୍ର କୋଠରୀ ମଧ୍ୟରେ ବାଲ ବାଟିକା ସହିତ ୧ମ ଠାରୁ ୫ମ ଶ୍ରେଣୀ ତାହା ପୁଣି ଗୋଟିଏ କଳାପଟାରେ। ଗୋଟିଏ କଳାପଟାରେ କିଭଳି ବିଭିନ୍ନ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଥିବ ଏଥିରୁ ସ୍ପଷ୍ଟ ଅନୁମେୟ। ଏଠି ପିଇବା ପାଣିର ଘୋର ସଙ୍କଟ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ରୋଷେଇ ଗୃହ ଅଭାବ ରହିଛି। ଗୋଦାମ ଗୃହ ନଥିବା କାରଣରୁ ସେହି ଗୋଟିଏ ସ୍ଥାନରେ ପାଠପଢା, ଗୋଦାମ ଗୃହ ଓ ସ୍କୁଲର ଅଫିସ କାମ ସବୁ ଭାଗଭାଗ ହୋଇ ଚାଲିଛି। କେବଳ ଏତିକି ନୁହେଁ ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟର ସେଭଳି କୌଣସି ସୁବିଧା ନଥିବାରୁ ବାହାରକୁ ଯିବାକୁ ବାଧ ହେଉଛନ୍ତି ଛାତ୍ରଛାତ୍ରୀ। ବିଶେଷ କରି ଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲର ସମସ୍ୟାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ରିତା କୁମାରୀ ପାତ୍ର କହିବା ହେଲା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା ତଥାପି ସମସ୍ୟା ସୁଧୁରିନି। ଏନେଇ ବିଡିଓ ଶ୍ରୀହର୍ଷ ବାବୁ ଖାଡ଼ଙ୍ଗାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଅନ୍ୟତମ ସ୍ଥାନରେ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଅନୁଦାନ ମିଳିଥିବା ଓ ନୂତନ ଜାଗାର ପଟ୍ଟା ଆସିବା ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି। ତେବେ ତୁରନ୍ତ ଏକ ସୁରକ୍ଷିତ କୋଠାକୁ ସ୍ଥାନାନ୍ତର କରିବା ପାଇଁ ଅବିଭାବକ ଦାବି କରିଛନ୍ତି।

> ଭବିଷ୍ୟତ ଗଢୁଥିବା ସ୍କୁଲର ଭବିଷ୍ୟତ ଚିନ୍ତା

## କମେଣ୍ଟ ମାରିବାରୁ ଦୁଇ ଭାଇଙ୍କୁ ହାଣିଲେ

ଖଲ୍ଲିକୋଟ,୨୩।୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଦପଲ୍ଲୀ ପଞ୍ଚାୟତରେ ମହିଳା ଶ୍ରମିକଙ୍କୁ କମେଣ୍ଟ ମାରିବାକୁ ନେଇ ଦୁଇ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦୁଇ ଭାଇ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାଦପଲ୍ଲୀ ପଞ୍ଚାୟତର ଗୁଡ଼ିପଦର ଗ୍ରାମରେ ଚାଲିଥିବା ଟୁକୁନା ସାହୁଙ୍କ ବେଆଇନ ପୋଡା ଇଟା ଭାଟିରେ ଶୁକ୍ରବାର ଭୋଜି ଚାଲିଥିଲା। ଏତିକିବେଳେ ଖୋଜାପଲ୍ଲୀ ଗ୍ରାମର ଦୁଇ ଭାଇ ତଥା ଟ୍ରାକ୍ଟର ଡ୍ରାଇଭର ଜିତେନ୍ଦ୍ର ଦିହୁଡି ଓ ତ୍ରିପତି ଦୁହୁଡି ଯୋଗ ଦେବାକୁ ଆସିଥିଲେ। ତେବେ ଭାଟିରେ କାମ କରୁଥିବା ମହିଳା ଶ୍ରମିକଙ୍କୁ କମେଣ୍ଟ ମାରିବାକୁ ନେଇ ଝଗଡା ହୋଇଥିଲା। ଧିରେ ଧିରେ ଝଗଡା ଉଗ୍ର ରୂପ ଧାରଣ କରିବାରୁ ଉତକ୍ଷିପ୍ତ ହୋଇ ଭାଟି ମାଲିକ ଟୁକୁନା ଦୁଇ ଭାଇଙ୍କ ଉପରେ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଖଣ୍ଡା ଚୋଟରେ ଗୁରୁତର ଆହତ ହୋଇଥିବା ଦୁଇ ଭାଇ ଜିତେନ୍ଦ୍ର ଓ ତ୍ରିପତିଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ମେଡିକାଲରେ ପହଞ୍ଚି ଦୁଇ ଭାଇଙ୍କୁ ପଚାରାଉଚରା କରୁଛି।

## କାଳିଞ୍ଜି ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



କବିସୂର୍ଯ୍ୟନଗର,୨୩।୧(ସମିସ): କବିସୂର୍ଯ୍ୟନଗର ଖଜାପଲ୍ଲୀ ପଞ୍ଚାୟତରେ ଉତ୍ର ଖଣ୍ଡାୟତ ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ଦ୍ୱାରା ହୋଇଯାଇଛି। ବିଧାୟକ ଯୋଗ ଦେଇ ସମାଜର ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ଅବସରରେ ଖଜାପଲ୍ଲୀ ସରପଞ୍ଚ କୁନି ପ୍ରଧାନ, ବୁଢ଼ାମ୍ବ ମଣ୍ଡଳ ସଭାପତି ବାବୁରାମ ବିଷୋୟୀ, ବୁଢ଼ାମ୍ବ ସମିତି ପ୍ରତିନିଧି ଚନ୍ଦ୍ରଶେଖର ପ୍ରଧାନ ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ। ତେବେ ବିଧାୟକ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବକ୍ଷ ସହ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର,୨୩।୧(ସମିସ): ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ଅଧ୍ୟକ୍ଷ, ତାଲୁକ ଆଇନ ସେବା କମିଟି ସେଖ ମହମ୍ମଦ କଏସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷଆଇନ (କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିରୋଧ ଆଇନ), ସାମ୍ବିଧାନିକ ଅଧିକାର ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଏସଡିପିଓ ଡ଼ା. ଦୀପକ କୁମାର ମିଶ୍ର ପୁଲିସ ବ୍ୟବସ୍ଥା, ଆଇନ ରକ୍ଷାରେ ନାଗରିକଙ୍କ ଭୂମିକା ଓ ଅପରାଧ ପ୍ରତିରୋଧରେ ସାମାଜିକ ସହଯୋଗର ଆବଶ୍ୟକତା ବିଷୟରେ କହିଥିଲେ। ଆଇନ ସହାୟତା ସଦସ୍ୟ ଡ଼ା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଭ୍ୟା ଅଲକା ମଞ୍ଜରୀ ପଟ୍ଟନାୟକ ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାଶ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କୋର୍ଟ କର୍ମଚାରୀ ଅଙ୍କନ ପ୍ରଧାନ, ଏନଏସଏସ ଶାଖା ୧ ଅଧିକାରୀ ବି ପ୍ରଧାନ, ଏନସିସି ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ, ଏନସିସି ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ଼, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।




# ରିଙ୍ଗ୍ ରୋଡ୍ କାମରେ ବାଧକ ଜମି ଅଧିଗ୍ରହଣ

### କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ

କୁକୁଡାଖଣ୍ଡି,୨୩।୧(ସମିସ)

ବ୍ରହ୍ମପୁର ରିଙ୍ଗ୍ ରୋଡ ପ୍ରକଳ୍ପ ନିମନ୍ତେ ସରକାର ନେଇଛନ୍ତି ଲୋକଙ୍କ ଜମି। କିନ୍ତୁ ଆଜି ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଜମି ମାଲିକ ପାଇପାରିଲେ ନାହିଁ ପ୍ରାପ୍ୟ ଟଙ୍କା ବୋଲି ଅଭିଯୋଗ କରିଛନ୍ତି। ତେଣୁ ସେମାନେ ଏବେ କୋର୍ଟର ଆଶ୍ରୟ ନେଇଥିଲେ।

### ପ୍ରକଳ୍ପକୁ ନେଇ ପ୍ରଶାସନର ତତ୍ପରତା



ଏଡା ଫଳରେ ପ୍ରକଳ୍ପ ନିର୍ମାଣ କାମରେ ବ୍ୟାଘାତ ଦେଖାଦେଇଛି। ପ୍ରକଳ୍ପ ଶେଷ ପାଇଁ ସରକାର ଦେଇଥିବା ଧାର୍ଯ୍ୟ ତାରିଖର ସରିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସରକାରୀ କାଗଜପତ୍ରରେ ଚାଷୀଙ୍କୁ କ୍ଷତିପୂରଣ ଟଙ୍କା ଦିଆଯାଇଛି ବୋଲି ଦର୍ଶାଯାଉଥିବା ବେଳେ ବାସ୍ତବ ଚିତ୍ର ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ରତନପୁର ଅଞ୍ଚଳର କୈଳାଶ ଗୌଡ଼ଙ୍କ କହିବା ପ୍ରକାରେ ରିଙ୍ଗରୋଡ ନିମନ୍ତେ ନିଜ ଚାଷଜମି ହରାଇଥିବା ଅନେକ ଚାଷୀ ବାରମ୍ବାର ସରକାର ଓ ପ୍ରଶାସନକୁ ଗୁହାରି କରିଆସୁଛନ୍ତି। କିନ୍ତୁ ଜମି ଅଧିଗ୍ରହଣ ଅଧିକାରୀ ଟଙ୍କା ଦେଇସାରିଥିବା ଦାବି କରୁଥିବା ବେଳେ କେବଳ କାଗଜ-କଲମରେ ସୀମିତ ରହିଛି। ହେଲେ କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ବର୍ତ୍ତମାନ ରିଙ୍ଗ୍ ରୋଡ କାର୍ଯ୍ୟ ଜୋରସୋରରେ ଚାଲିଛି। କିନ୍ତୁ ଯେଉଁମାନେ ସରକାରଙ୍କ ପ୍ରଦତ୍ତ ଟଙ୍କାକୁ ଗ୍ରହଣ କରିନାହାନ୍ତି ସେମାନେ କୋର୍ଟର ଆଶ୍ରୟ ନେଇଛନ୍ତି। କୋର୍ଟ ନିଷ୍ପତ୍ତିକୁ ଆମେ ଅପେକ୍ଷା କରିଛୁ। ସେହିପରି ଶ୍ରୀ ଗୌଡ଼ଙ୍କ ଦୁଇଟି ଜମି ଥିବାରୁ ଅଧିଗ୍ରହଣକୁ ନେଇ କିଛି ସମସ୍ୟା ଥିଲା। ଏବଂ ଡିମାରକେସନ ପାଇଁ ତାରିଖ ଠିକ ହୋଇଥିଲା ତେଣୁ ଆସିଥିଲୁ। ତାହା ଯଦି ସଠିକ ଥାଏ ତାହାହେଲେ ଏଭେକ୍ସନ ଅର୍ଡର ଆଣି ପରବର୍ତ୍ତୀ ସମୟରେ ଏହାକୁ ଭଙ୍ଗାଯିବ ବୋଲି ତହସିଲଦାର କହିଛନ୍ତି। ଅପରପକ୍ଷେ ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡାଇ ଯାଇ ପାରିବ ନାହିଁ ବୋଲି ପ୍ରଦେଶ କଂଗ୍ରେସ ସମ୍ପାଦକ ସାକା ସୁଜିତ କହିଛନ୍ତି। ଏଭେକ୍ସନ କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ଅଧିକାରୀ, କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ, ସଦର ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନଙ୍କ ସମେତ ରାଜସ୍ୱ ନିରୀକ୍ଷକ ଓ ଏକ ପ୍ଲାଟୁନ ପୁଲିସ ଉପସ୍ଥିତ ଥିଲେ।

'ଓଡିଆ ଅସ୍ମିତା'କୁ କୁଠାରାଘାତ

# ପୂଣ୍ୟତିଥିରେ ଓଡ଼ିଆ ବରପୁତ୍ରଙ୍କ ପ୍ରତି ଅବହେଳା



ବ୍ରହ୍ମପୁର,୨୩।୧(ସମିସ): ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତି ଅବହେଳା ଅଭିଯୋଗ କିଛି ନୂଆ କଥା ନୁହେଁ। ଏଭଳି ଅନେକ ନଜିର ଥିବାବେଳେ ଘଟଣାର ପୁନରାବୃତ୍ତି ହେବା ସମସ୍ତଙ୍କୁ ବ୍ୟଥିତ କରିଛି। ବରପୁତ୍ରମାନଙ୍କ ଜନ୍ମ ଓ ତିରୋଧାନ ଭଳି ପୂଣ୍ୟ ତିଥିରେ ସ୍ମରଣ କରିବା ଦୂରେ ଥାଉ ସେମାନଙ୍କ ପ୍ରତି ଅଣଦେଖା ଓ ଅବହେଳା କରିବା ଗ୍ରହଣୀୟ ନୁହେଁ। ଅକ୍ଟୋବର ୨ତାରିଖରେ ଏକକାଳୀନ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପଡୁଥିବା ବେଳେ ଗାନ୍ଧୀଙ୍କୁ ସ୍ମରଣ କରି ଲାଲବାହାଦୂର ଶାସ୍ତ୍ରୀଙ୍କୁ ଭୁଲିଯିବା ଭଳି ଘଟଣା ସାଧାରଣତଃ ଦେଖିବାକୁ ମିଳିଥାଏ। ସେହିଭଳି ଜାନୁଆରୀ ୨୩ତାରିଖରେ ମଧ୍ୟ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ ହେଉଛି। ଏହି ଦିନରେ ମଧ୍ୟ ଅନୁରୁପ ଭାବେ ସୁବାଷ ବୋଷଙ୍କୁ ପ୍ରାୟ ସମସ୍ତେ ସ୍ମରଣ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣାଉଥିଲେ ହେଁ ବଳଦେବ ରଥଙ୍କୁ ଭୁଲିଯିବା ଓ ଅଣଦେଖା କରିବା ତାଙ୍କ ପ୍ରତି ଅସମ୍ମାନ ବୋଲି ମତ ପ୍ରକାଶ ପାଇଛି। ଏଭଳି ଘଟଣା ଘଟିଛି ବ୍ରହ୍ମପୁର ସହରରେ। ଲୋକଙ୍କ ପକ୍ଷେ ଏଭଳି ଭୁଲକୁ ଗ୍ରହଣ କରାଯାଇପାରେ ହେଲେ ପ୍ରଶାସନ ବା ସଂସ୍କୃତି ବିଭାଗ ପକ୍ଷରୁ ନିୟମିତ କରାଯାଉଥିବା ଏଭଳି ଭୁଲ ଆଦୌ ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ କରି ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ସୁବାଷ ବୋଷଙ୍କ ଜୟନ୍ତୀ ଅବସରରେ ସହରର ପିଭିଏନ ରାଓ ପେଟ୍ରୋଲ ପମ୍ପ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇ ବହୁ ସଙ୍ଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚାରଣ କରାଯାଇଥିଲା। ତେବେ ଆଜିର ଦିନରେ ଗଞ୍ଜାମ ତଥା ଓଡିଆ ଜାତିର ଗର୍ବ ଓ ଗୌରବ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀରେ ତାଙ୍କ ପ୍ରତି ଅବହେଳା କରାଯାଇଥିବା ଦେଖିବାକୁ ମିଳିଛି। ତାଙ୍କର ପୂଣ୍ୟତିଥିରେ ସ୍ଥାନୀୟ ହିଲପାଟଣା ସ୍ଥିତ ସଂସ୍କୃତି ଭବନ ପରିସରରେ ଥିବା ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ତ ଦୂରର କଥା ସଫା ମଧ୍ୟ କରାଯାଇନାହିଁ। କବିସୂର୍ଯ୍ୟଙ୍କ ପୂଣ୍ୟତିଥି ସମ୍ପର୍କରେ ଅବଗତ ହୋଇ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସିଟି ଇଂଜିନିୟର ମନୋଜ କୁମାର ପାତ୍ର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ଏବଂ ପ୍ରତିମୂର୍ତ୍ତିର ଅବସ୍ଥାକୁ ଦେଖି ସମସ୍ତେ ଦୁଃଖ ପ୍ରକାଶ କରିଥିଲେ। ସଂସ୍କୃତି ଭବନ ପରିସରରେ ଗଙ୍ଗାଧର ମେହେର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଅବହେଳିତ ଅବସ୍ଥାରେ ପଡି ରହିଛି। ନିୟମିତ ନହେଲେ ମଧ୍ୟ ବିଭିନ୍ନ ଅବସରରେ ସଫା ହେବା ତ ଦୂରର କଥା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପାଇଁ ସିଡିର ସୁବିଧା ମଧ୍ୟ ନାହିଁ। ଫଳରେ ଏଭଳି ତିଥିରେ ପୁଷ୍ପମାଲ୍ୟ ପକାଇବାକୁ ହେଲେ ପ୍ରତିମୂର୍ତ୍ତି ଉପରେ ନିଶୁଣି ପକାଇ ଲୋକଙ୍କୁ ଚଢିବାକୁ ପଡୁଛି। ଯାହା ଅନିଚ୍ଛା ସତ୍ତ୍ୱେ ଆଜି କରିବାକୁ ପଡିଥିଲା। ପ୍ରତିମୂର୍ତ୍ତି ଗୁଡିକୁ ସଂସ୍କୃତି ବିଭାଗ ପ୍ରତିଷ୍ଠା କରି ନିଜର ଦାୟିତ୍ୱ ଭୁଲି ଯାଉଥିବା ବେଳେ ଏମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ରକ୍ଷଣାବେକ୍ଷଣ କରାଯିବାର ବ୍ୟବସ୍ଥା ନାହିଁ ତେବେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ଏଭଳି ଭାବେ ରାସ୍ତା ମଝିରେ ଖରା ଓ ବର୍ଷାରେ ଖୋଲା ଆକାଶ ତଳେ ଠିଆ କରିବାର ଅଧିକାର କାହାର ନାହିଁ ବୋଲି ମତ ଦେଇଛନ୍ତି ସହରର ବୁଦ୍ଧିଜୀବୀ। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ଉପରେ ଛାତ ସହିତ ପାଶ୍ୱର୍ରେ ସିଡିର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଇଛି।

- ରାସ୍ତାକଡ଼ରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ଭୁଲିଯାଉଛି ପ୍ରଶାସନ
- ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ସହିତ ଉତ୍ସବ ପାଳନ ଦାୟିତ୍ୱ କାହାର?

## ବହୁ ଅନୁଷ୍ଠାନ ପକ୍ଷରୁ ନେତାଜୀ ଜୟନ୍ତୀ



ବ୍ରହ୍ମପୁର,୨୩।୧(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚ ପକ୍ଷରୁ ବ୍ରହ୍ମପୁର ପୁରୁଣା ଟାଉନ୍‌ହଲ୍ ରୋଡ୍ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ସମାଜସେବୀ କୁନି ଦେବୀ ଏବଂ 'ଆର୍ଯ୍ୟଭଟ୍ଟ'ର ପ୍ରତିଷ୍ଠାତା ଓ ପରିବେଶବିତ୍ ସୁଧୀର ରାଉତ ମାଲ୍ୟାର୍ପଣ କରିଥିଲେ। ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ନେତାଜୀଙ୍କ ଜୀବନ, ଆଦର୍ଶ ଓ ସଂଗ୍ରାମ ସମ୍ପର୍କୀତ ସ୍ମୃତିସଭା ହୋଇଥିଲା। ସଭାରେ ମଞ୍ଚ ସଭାପତି ଗଗନ ମଲ୍ଲିକ, 'ବିକାଶ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଗୁଣନିଧି ବେହେରା, ମଞ୍ଚର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ପଣ୍ଡା, ସାଂଗଠନିକ ସମ୍ପାଦକ ମନୋଜ ତରାଇ, ଶିକ୍ଷକ ସଂଗଠନ ନେତା ଅଶୋକ ଦଳାଇ, ବିରେନ୍ ବେହେରା, ସମାଜସେବୀ ହୃଷିକେଶ ପାତ୍ର ଓ ଯୁବ ରାଜନୈତିକ କର୍ମୀ ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିପିଏମ ପକ୍ଷରୁ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ପାଳନ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପାର୍ଟିର କର୍ମୀମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ନେତାଜୀଙ୍କ ତ୍ୟାଗ, ନିଷ୍ଠା ଓ ନିର୍ଭୀକତାକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ମହାପାତ୍ର, ପ୍ରତାପ ଚୌଧୁରୀ, ଗୋକୁଳ ତ୍ରିପାଠୀ, ରାଜ ରାଓ, ହରି ନାହାକ, ମଧୁ ବେହେରା, ମୋହନ ରାଓ, ଶ୍ରୀନିବାସ ଦାସ, ରଞ୍ଜନ ପାତ୍ର, ଲୋକନାଥ ଖୁଣ୍ଟିଆ ଓ ପ୍ରଶାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ବ୍ରହ୍ମପୁର ଟାଉନ ହଲ ନିକଟରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଓ ଡେ଼ପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଏଆଇଡ଼ିଏସଓ ପକ୍ଷରୁ ମଧ୍ୟ ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି।

## ନକଲି କାଗଜପତ୍ରରେ ବୋଲୋରୋ ଗାଡ଼ି ବିକ୍ରି; ଶୋ'ରୁମ୍ ମାଲିକ ଗିରଫ

ବ୍ରହ୍ମପୁର,୨୩।୧(ସମିସ): ଏକ ବୋଲେରୋ ଗାଡିକୁ ନକଲି କାଗଜପତ୍ରରେ ବିକ୍ରି କରି ଦେଇଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ବ୍ରହ୍ମପୁରର ଏକ ସେକେଣ୍ଡ ହ୍ୟାଣ୍ଡ କାର ସୋ'ରୁମ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡ଼ି ତେଜେଶ୍ୱର ରାଓ ଓରଫ ରୋହନ ରାଓ(୩୫) ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଥାନା ଅନ୍ତର୍ଗତ ଦୁର୍ଗାଦେବୀ ସାହିର ପ୍ରେମ ସାହୁ ୨୦୨୩ମସିହାରେ ନିଜ ବାପାଙ୍କ ନାମରେ ଥିବା ବୋଲେରୋ ଗାଡିର ମରାମତି ଓ ବିକ୍ରି କରିବାକୁ ବ୍ରହ୍ମପୁର ରମାଲିଙ୍ଗେଶ୍ୱର ପାର୍କ ନିକଟରେ ଥିବା ଏକ ସେକେଣ୍ଡ ହ୍ୟାଣ୍ଡ ଗାଡି ସୋ'ରୁମକୁ ଦେଇଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ୪ଲକ୍ଷ ୪୦ହଜାର ଟଙ୍କାର ଚୁକ୍ତି ହୋଇଥିଲା। ଅଗ୍ରୀମ ଟଙ୍କା ବାବଦକୁ ପ୍ରେମ ସାହୁ ସୋ'ରୁମ ମାଲିକ ରୋହନଙ୍କଠାରୁ ୩ଲକ୍ଷ ୪୦ହାଜର ଟଙ୍କା ନେଇଥିଲେ। ଗାଡି ବିକ୍ରି ହେବା ପରେ ଅବଶିଷ୍ଟ ୧ଲକ୍ଷ ଟଙ୍କା ଦେବେ ବୋଲି ଚୁକ୍ତିରେ ଉଲ୍ଲେଖ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ସୋ'ରୁମ ମାଲିକ ଜଣଙ୍କ ନକଲି ଆଧାର କାର୍ଡ, ଗାଡିର ନକଲି କାଗଜପତ୍ର ପ୍ରସ୍ତୁତ କରି ଅନୁଗୁଳ ଆରଟିଓରେ ଜମା କରି ଉକ୍ତ ଗାଡିକୁ ସୁନ୍ଦରଗଡ ଜିଲାର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ପ୍ରେମ ଜାଣିବାକୁ ପାଇଥିଲେ। ଏନେଇ ପ୍ରେମ ସୋ'ରୁମକୁ ଯାଇ ଏହାର ମାଲିକ ରୋହନଙ୍କୁ ଗାଡି ବିକ୍ରି ବିଷୟରେ ପଚାରିବାରୁ ସେ ତାଙ୍କୁ ଅଷଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଘଟଣାକୁ ନେଇ ପ୍ରେମ ଟାଉନ ଥାନାରେ ଅଭିଯୋଗ କରିବା ସହ ଉକ୍ତ ଗାଡିର ନକଲି ରେଜିଷ୍ଟ୍ରସନକୁ ରଦ୍ଦ କରିବାକୁ ଅନୁରୋଧ କରିଥିଲେ। ପୁଲିସ ଏକ ମାମଲା ରୁଜୁ ତଦନ୍ତ କରୁଥିବା ବେଳେ ଆଜି ଅଭିଯୁକ୍ତ ରୋହନଙ୍କୁ ଗିରଫ କରିବାରେ ସଫଳ ହୋଇଛି।

## ଘର ତାଲା ଭାଙ୍ଗି ଲୁଟ୍

ବ୍ରହ୍ମପୁର,୨୩।୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ବିବେକ ବିହାର ଅଞ୍ଚଳରୁ ଗତକାଲି ଦୁର୍ବୃତ୍ତ ମାନେ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ଆମ୍ବପୁଆ ବିବେକ ବିହାରେ ଡ଼ି.ସୋମେୟା ରୁହନ୍ତି। ଗତ ୧୯ ତାରିଖରେ ସପରିବାର ସହ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ସେହି ଦିନଠାରୁ ସିସି କ୍ୟାମେରା ଫୁଟେଜ ନିଜ ମୋବାଇଲରେ ଦେଖି ଆସୁଥିଲେ। ଆଜି ସକାଳେ ମୋବାଇଲ ଦେଖିବା ବେଳକୁ ଫୁଟେଜ ଦେଖା ନଯିବାରୁ ସନ୍ଦେହ ଜଣକୁ ଘରର ସ୍ଥିତି ଦେଖିବାକୁ ପଠାଇଥିଲେ। ସେ ଆସି ଦେଖିବା ବେଳକୁ ଘରର ଗ୍ରିଲ ଓ କବାଟ ଖୋଲା ଥିବା ଜଣାଇ ଥିଲେ। ପରେ ସୋମେୟା ଆସି ଦେଖିବା ବେଳକୁ ଦୁର୍ବୃତ୍ତ ମାନେ ଘର ତାଲା ଭାଙ୍ଗିବା ସହ ୨ଟି ଆଲମାରୀ ଭାଙ୍ଗି ସେଥିରେ ଥିବା ୩ ହଳ ସୁନା କାନ ଫୁଲ, ଗୋଟିଏ ସୁନା ମୁଦି, ବ୍ରୋଞ୍ଜ ଚୁଡ଼ି ୨ହଳ, ଶଙ୍ଖା ଚୁଡ଼ି ଗୋଟିଏ ହଳ, ମୋଟ ପ୍ରାୟ ୩ତୁଲା ସୁନା ଏବଂ ନଗଦ ପ୍ରାୟ ଏକ ଲକ୍ଷ ଟଙ୍କା ଓ ହାର୍ଦିକ୍ସ,ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଥିବା ଜାଣିପାରି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୪୩/୨୬ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ପୁଲିସ କହିଛି।

## ଅନଲାଇନ୍ ଟ୍ରେଡିଂ ନାଁରେ ୫୧ ଲକ୍ଷ ଠକେଇ

ବ୍ରହ୍ମପୁର,୨୩।୧(ସମିସ): ଅନଲାଇନ ଆପ୍ ଜରିଆରେ ଷ୍ଟକ ମାର୍କେଟିଂ ଓ ଆଇପିଓ କିଣିବା ନାଁରେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କଠାରୁ ୫୧ ଲକ୍ଷ ଟଙ୍କା ଠକେଇ ହୋଇଛି। ସାଇବର ଠକମାନେ ତାଙ୍କୁ କୌଶଳକ୍ରମରେ କୋଟିପତି ହେବା ସ୍ୱପ୍ନ ଦେଖାଇ ଏହି ଟଙ୍କା ଠକି ନେଇଛନ୍ତି। ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ସହରରେ ରହୁଥିବା ଜଣେ ବ୍ୟକ୍ତି ଗତ ମାସରେ ଏକ ଆପ୍ ଜରିଆରେ ଷ୍ଟକ ବଜାର ଏବଂ ଆଇପିଓ କିଣାବିକା ବିଷୟରେ ଜାଣିବାକୁ ପାଇଥିଲେ। ସେହି ଆପ୍ ଜରିଆରେ ବିଭିନ୍ନ କମ୍ପାନୀର ଷ୍ଟକ ଓ ଆଇପିଓ କିଣିଲେ ଅଳ୍ପ ଦିନ ମଧ୍ୟରେ ପ୍ରଚୁର ଲାଭ ହେବ ବୋଲି କୁହାଯାଇଥିଲା। ସଂପୃକ୍ତ ଆପ୍ ତଥା କମ୍ପାନୀର ଅଧିକାରୀଙ୍କ କହିବା ପ୍ରକାରେ ପ୍ରଥମେ ସେ ୫ ଲକ୍ଷ ଟଙ୍କା ନିବେଶ କରି ଆଇପିଓ କିଣିଥିଲେ। ଏହା ପରେ ସେ ପ୍ରର୍ଯ୍ୟାୟକ୍ରମେ ୫୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ଗତ କିଛିଦିନ ତଳେ ନିବେଶ ଟଙ୍କା ଓ ଲାଭରୁ କିଛି ଟଙ୍କା ଉଠାଣ କରିବାକୁ ଯାଇ ଉଠାଇ ପାରିନଥିଲେ। ଏପରିକି ସାଇବର ଠକମାନେ ତାଙ୍କୁ ଅଧିକରୁ ଅଧିକ ଟଙ୍କା ନିବେଶ କରିବାକୁ ବାଧ କରିଥିଲେ। ହେଲେ ଟଙ୍କା ଫେରସ୍ତ ପାଇଁ ବ୍ୟକ୍ତି ଜଣଙ୍କ ବାରମ୍ବାର ଅନୁରୋଧ କରିବାରୁ ସାଇବର ଠକମାନେ ତାଙ୍କୁ ଉକ୍ତ ଆପରୁ ବାହାର କରିବା ସହ ସେହି ଆପ ଅଚଳ କରି ଦେଇଥିଲେ। କମ୍ପାନୀ ଓ ଏହାର ଅଧିକାରୀ ସହ ଯୋଗାଯୋଗ କରିବା ସମ୍ଭବ ନହେବାରୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

## ଉଚ୍ଚଶବ୍ଦ ସୃଷ୍ଟି କରିବା ଅଭିଯୋଗ; ଡିଜେ ଜବତ

ବ୍ରହ୍ମପୁର,୨୩।୧(ସମିସ): ବ୍ରହ୍ମପୁର ସହରର ମୁଖ୍ୟ ରାସ୍ତାରେ ଉଚ୍ଚ ଶବ୍ଦ ବଜାଇ ରାସ୍ତା ଅବରୋଧ କରି ଯାଉଥିବା ଏକ ଡିଜେ ଗାଡିକୁ ଗୋସାଇଁନୂଆଗାଁ ପୁଲିସ ଶୁକ୍ରବାର ଜବତ କରିଛି। ଏହି ଡିଜେ ଗାଡି ଓଡ଼ିଶା ଫାୟାର ଆଣ୍ଡ ଲାଉଡ ସ୍ପିକର ରେଗୁଲେସନ ଆଇନ ଏବଂ ମୋଟର ଯାନ ଆଇନ ଉଲଙ୍ଘନ କରିବା ସହ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିଲା ବୋଲି ପୁଲିସ କହିଛି। ଡିଜେ ଗାଡିକୁ ବିକୃତ ଭାବେ ଡିଜାଇନ ନକରିବାକୁ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ ଡିଜେ ମାଲିକଙ୍କୁ ପରାମର୍ଶ ଦେଇଛନ୍ତି। ସକାଳ ୬ଟାରୁ ରାତି ୧୦ଟା ଭିତରେ ହିଁ ଡିଜେ ବଜାଇବାକୁ ଅନୁମତି ରହିଛି। ମେଡିକାଲ ଓ ସ୍କୁଲ ଭଳି ସାଇଲେନ୍ସ ଜୋନରେ ୫୫ ଡେସିବେଲରୁ କମ ଶବ୍ଦରେ ସ୍ପିକର ବଜାଇବାକୁ ସେ ପରାମଶ ଦେଇଛନ୍ତି।

## କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ



ବ୍ରହ୍ମପୁର,୨୩।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ କରାଯାଇଛି। ଏ ଅବସରରେ ସଂସ୍କୃତି ଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ମହାନ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କବିସୂର୍ଯ୍ୟ ବଳଦେବ ରଥ ସାସ୍କୃତିକ ପରିଷଦ ପକ୍ଷରୁ କବିସୂର୍ଯ୍ୟ ବଳଦେବ ରଥ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ଥାନୀୟ ଗୌଡ଼ ସାହି ଛକ ନିକଟରେ ଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ଶିବଶଙ୍କର ସାହାଣୀ, କର୍ପୋରେଟର ଟି. କିଶୋର ପାତ୍ର, ମହମ୍ମଦ ଆସଲମ୍, ସମାଜସେବୀ ପ୍ରମୋଦ ଜେନା, ମାନସ ରଞ୍ଜନ ତ୍ରିପାଠୀ, ଗୌରୀ ହରି ସାହୁ, ନରସିଂହ ସାହୁ, ଶଙ୍କର ପାଣିଗ୍ରାହି, ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ






ବ୍ରହ୍ମପୁର,୨୩।୧(ସମିସ): ସହରର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଛି। ଛାତ୍ରଛାତ୍ରୀ ନୂଆ ପୋଷାକ ପରିଧାନ କରି ପୂଜା ସାମଗ୍ରୀ ନେଇ ସକାଳୁ ବିଦ୍ୟାଳୟରେ ପହଞ୍ଚି ସରସ୍ୱତୀଙ୍କୁ ସୁମରଣା କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ପ୍ଲେ ସ୍କୁଲରେ ଖଡ଼ିଛୁଆଁ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପୁରୋହିତଙ୍କ ମନ୍ତ୍ରୋଚାରଣରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ହୋମ କରାଯାଇ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବିଦ୍ୟାପ୍ରାପ୍ତି ଲାଗି ସମସ୍ତେ ବିଦ୍ୟାର୍ଥୀ ବିଦ୍ୟାଦାତ୍ରୀଙ୍କୁ ପୂଜାର୍ଚ୍ଚନା କରି ଖୁସି ମନାସିଛନ୍ତି। ଅନ୍ୟପକ୍ଷରେ ଶିକ୍ଷା ଗ୍ରହଣ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ଶିଶୁକୁ ଖଡ଼ି ଛୁଆଁଇବା ଆମର ଏକ ମୁଖ୍ୟ ପରମ୍ପରା ରହିଛି।

**ବିଦ୍ୟାଦାତ୍ରୀଙ୍କୁ ପୂଜିଲେ ବିଦ୍ୟାର୍ଥୀ**

## ୪ ମୋବାଇଲ ଲୁଟିଆ ଗିରଫ

ବ୍ରହ୍ମପୁର,୨୩।୧(ସମିସ): ବୈଦ୍ୟନାଥପୁର ଥାନା ପୁଲିସ ୪ ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୪ଟି ଚୋରି ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋସାଇଁନୂଆଗାଁ କଦଳୀବାଡ ସାହିର ଓମ ପାତ୍ର(୨୦), ଉତ୍ତରେଶ୍ୱର ଧୋବା ସାହିର ଶ୍ରୀକାନ୍ତ ପାଢୀ(୨୧), ବାଲାଜୀ ନଗରର ସଂଗ୍ରାମ ସାମଲ(୪୦) ଓ ନେହୁରୁନଗରର ବଳିଆ ମହାରଣା(୨୧)। ଏହି ୪ ଜଣ ସହରର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକଙ୍କ ଠାରୁ ମୋବାଇଲ ଝାମ୍ପି ନେବା ପରେ ସେଗୁଡ଼ିକ ବିକ୍ରି କରି ଦେଇଥିବା ତଦନ୍ତ ବେଳେ ଜଣାପଡିଛି। ପ୍ରକାଶଥାଉକି, ୧୮ ତାରିଖ ରାତି ସାଢେ ୧୦ଟା ବେଳେ ନିମଖଣ୍ଡିର ସୁନୀଲ ସାହୁ ଇଞ୍ଜିନିୟରିଂ ସ୍କୁଲ ଛକରୁ ନିଜ ସାଇକଲ ଯୋଗେ ଏମକେସିଜି ମେଡିକାଲ ଗେଟ ଦେଇ ଫେରୁଥିବା ବେଳେ ୨ ଜଣ ଯୁବକ ତାଙ୍କ ନିକଟକୁ ଆସି ମୋବାଇଲଟି ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।



ଜମିବ କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ସମ୍ଭାର

# ୨୭ରୁ ୩୦ ଗୋପାଳପୁର ବେଳାଭୂମି ମହୋତ୍ସବ

- ଉଦ୍‌ଘାଟନ କରିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହେବ ଉଦ୍‌ଯାପନ
- ବରପୁତ୍ରଙ୍କୁ ସମର୍ପିତ ହେବ ମଞ୍ଚ, ସାଧୁସନ୍ଥ କରିବେ ମହୋଦଧି ଆଳତୀ
- କୈଳାସ ଖେର, ମୈଥିଳି ଠାକୁର, ରାହୁଲ ସିପ୍ଲିଗୁଞ୍ଜ ମୁଖ୍ୟ ଆକର୍ଷଣ
- ମୂତୟନ ରହିବେ ୧୦୦ଅଫିସରଙ୍କ ସମେତ ୫ପ୍ଲାଟୁନ ପୁଲିସ ଫୋର୍ସ

ବ୍ରହ୍ମପୁର,୨୩।୧(ସମିସ): ଆସନ୍ତା ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ବହୁ ପ୍ରତିକ୍ଷିତ ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତଥର ଏହି ମହୋତ୍ସବକୁ ଅଧିକ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବାକୁ ପ୍ରଚେଷ୍ଟା କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଏନେଇ ପୂର୍ବ ପ୍ରସ୍ତୁତି ସରିଥିବା ସେ ଜଣାଇଛନ୍ତି। ଗୋପାଳପୁର ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ସୁଦୁର ପ୍ରସାରୀ। ଏଠାକାର ମହୋତ୍ସବ ଗଞ୍ଜାମ ଜିଲ୍ଲାର ଲୋକକଳାକୁ ସବୁବେଳେ ପ୍ରୋତ୍ସାହନ ଯୋଗାଇଛି। ଏହି ମହୋତ୍ସବ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଲାଗି ମାଇଲଖୁଣ୍ଟ ହେବ। ମହାମହିମ ରାଜ୍ୟପାଳ ଡ଼ ହରିବାବୁ କୁମ୍ଭମପାଟି ଏହି ମହୋତ୍ସବକୁ ଉଦଘାଟନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଭଳି ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଲିଉଡ଼, ବଲିଉଡ଼ ଓ ଟଲିଉଡ଼ର କଳାକାର ମାନେ ଯୋଗଦେବେ। ଗୋଟିଏ ଦିନ ଦିଗପହଣ୍ଡି ବିଧାୟକ ତଥା ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବଡ଼ ତାରକାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିଭଳି ବରିଷ୍ଠ କଣ୍ଠଶିଳ୍ପୀ କୈଳାସ ଖେର, ମୈଥିଳି ଠାକୁର, ରାହୁଲ ସିଲ୍ପିଗୁଞ୍ଜଙ୍କ ସମେତ ବହୁ କଳାକାର ସାମିଲ ହେବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବେଳାଭୂମି ମହୋତ୍ସବ ଲାଗି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ହେବ। ଏଥିରେ ବହୁ ଯୁବଗୋଷ୍ଠୀ ସାମିଲ ହେଉଛନ୍ତି। ଅଂଶଗ୍ରହଣ କାରୀଙ୍କୁ ପୁରସ୍କୃତ କରାଯିବ। ସମୁଦ୍ର ଭିତରେ ଲେଜର ସୋ ମଧ୍ୟ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି ମାନେ ସହଯୋଗ କରୁଛନ୍ତି। ମହୋତ୍ସବ ଆରମ୍ଭ ପୂର୍ବରୁ ମା' ବାଳକୁମାରୀ, ମା' ତାରାତାରିଣୀ ଓ ବ୍ୟାଘ୍ରଦେବୀଙ୍କ ପାଖରୁ ମସାଲ ଆସିବ। ମଞ୍ଚ ଆରମ୍ଭ ପୂର୍ବରୁ ସାଧୁସନ୍ଥଙ୍କ ଦ୍ୱାରା ମହୋଦଧି ଆଳତୀ ଅନୁଷ୍ଠିତ ହେବ। ବେଳାଭୂମି ମହୋତ୍ସବର ପଲ୍ଲିଶ୍ରୀ ୩୦୦ଟି ଷ୍ଟଲ ପଡ଼ିବ। ତନ୍ମଧ୍ୟରୁ ୨୫୦ଟିରେ ବିଭିନ୍ନ ଦ୍ରବ୍ୟ ବିକ୍ରୀବଟା ହେବାକୁ ଥିବା ବେଳେ ୫୦ଟି ଖାଦ୍ୟ ଷ୍ଟଲ ରହିବ। ଏଠାରେ ପାନୀୟଜଳ ସହିତ ବିଭିନ୍ନ ସ୍ଥାନରେ ସିକ୍ୟୁରିଟି କ୍ୟାମେରା ସଂସ୍ଥାପିତ ହେବ। ସେହିଭଳି ଷ୍ଟେଜ ସାମ୍ନାରେ ଚଳିତଥର ବହୁ ଚେୟାର ପଡ଼ିବ। ବିଭିନ୍ନ ବିଭାଗକୁ ନେଇ ଚଳିତଥର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମେ ଜିଲ୍ଲାର କଳାକାରଙ୍କୁ ସୁଯୋଗ ଓ ପରେ ଷ୍ଟାର ନାଇଟ୍ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନ ସୂଚନା ଦେଇଥିଲେ। ଗୋପାଳପୁର ବେଳାଭୂମି ମହୋତ୍ସବକୁ କିଭଳି ଲୋକେ ଆସିବେ ଓ ସୁରକ୍ଷିତ ଭାବେ ଉପଭୋଗ କରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ହରିପୁର ନିକଟରେ ଦୁଇଚକିଆ ଯାନ ଲାଗି ପାର୍କିଂ କରାଯାଇଛି। ଏଏନସି କାର୍ଯ୍ୟାଳୟ, ବସଷ୍ଟାଣ୍ଡ ଓ ନିକଟସ୍ଥ ପଡ଼ିଆ ନିକଟରେ ୪ଚକିଆ ଯାନ ଲାଗି ପାର୍କିଂ ବ୍ୟବସ୍ଥା ହୋଇଛି। ମହୋତ୍ସବରେ ଚ୍ୟାକିଂ ଜୋରଦାର ହେବ। ବହୁ ପୁଲିସ ସିଭିଲ ଡ୍ରେସରେ ରହିବେ। ମହୋତ୍ସବରେ ସମୁଦାୟ ୧୦୦ଟି ପୁଲିସ ଅଫିସରଙ୍କ ସମେତ ୫ପ୍ଲାଟୁନ ପୁଲିସ ମୂତୟନ ରହିବେ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଜିଲ୍ଲା ପ୍ରଶାସନ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଧାନମଣ୍ଡିରେ ଅବ୍ୟବସ୍ଥା; ୨୮ ରେ ରାସ୍ତାରୋକ

ପାରଳାଖେମୁଣ୍ଡି,୨୩।୧(ସମିସ)



ଗଜପତି ଜିଲ୍ଲାରେ ଧାନ ମଣ୍ଡି ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ଓ ମିଲରଙ୍କ ରାଜ ଚାଲିଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ଧାନକୁ ସହଜେ ନେବା ପରିବର୍ତ୍ତେ ଧାନମଣ୍ଡି ଠାରୁ ଆରମ୍ଭ କରି ମିଲର୍ ନାହିଁ ନଥିବା ଅସୁବିଧା ସୃଷ୍ଟି କରୁଛନ୍ତି । ଚଳିତ ବର୍ଷ ଧାନର ଗୁଣବତ୍ତା ବେଶ ଭଲ ହୋଇଥିଲେ ହେଁ ମିଲରଙ୍କ କଟଣୀଛଟଣୀରେ ଅତିଷ୍ଠ ହୋଇଛନ୍ତି ଚାଷୀ । ଜିଲ୍ଲାରେ ଧାନମଣ୍ଡି ଆରମ୍ଭ ହେବା ପରଠାରୁ ଚାଷୀଙ୍କୁ ଅଖା, ଏପରିକି ସୁତୁଲି ମଧ୍ୟ ଦିଆଯାଇନାହିଁ ।

ଚଳିତ ବର୍ଷ ମଣ୍ଡି ବହୁ ବିଳମ୍ବରେ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଚାଷୀଙ୍କୁ ନାନାଦି ଅସୁବିଧା କରାଯାଉଥିବା ଯୋଗୁଁ ଆଜି ଗୋଷାଣି ବ୍ଲକ ଉପଲଡାରେ ଥିବା ଧାନମଣ୍ଡି ପରିସରରେ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମେଳି ବାନ୍ଧିଥିଲେ । ଜିଲ୍ଲାର ଗୁମ୍ମା, କାଶୀନଗର ଓ ଗୋଷାଣି ବ୍ଲକର ବହୁ ଚାଷୀ ଓ ଚାଷୀନେତା ଏଥିରେ ଯୋଗ ଦେଇ ମଣ୍ଡିରେ ଅବ୍ୟବସ୍ଥା ଠାରୁ ଆରମ୍ଭ କରି ମିଲର୍ଙ୍କ ଦୌରାତ୍ମ୍ୟକୁ ନେଇ ଆଲୋଚନା କରିଥିଲେ। ଅମଳ ଧାନ ବିକ୍ରି ସମୟରେ ଚାଷୀଙ୍କ ଅର୍ଥ ଲୁଟିବା ଉଦ୍ଦେଶ୍ୟରେ ପ୍ରଶାସନ ଠାରୁ ଆରମ୍ଭ କରି ପ୍ୟାକ୍ସ, ମିଲର୍ ସମସ୍ତେ ମିଳିତ ଭାବେ ବିଭ୍ରାଟ ସୃଷ୍ଟି କରି ଲାଭ ଉଠାଉଛନ୍ତି । ବସ୍ତା ବା କ୍ୱିଣ୍ଟାଲ ପ୍ରତି ୮୦ କେଜି ଧାନ ବଦଳରେ ଚାଷୀ ୨ ରୁ ୩ କେଜି ଅଧିକ ବସ୍ତା କରି ମଣ୍ଡିରେ ଦେଉଛି । ସେଠାରୁ ପୁଣି ମିଲକୁ ଧାନ ନେଇ ଯାଉଥିବା ବେଳେ ସେଠାରେ ମିଲର୍ ଆଉ ଅତିରିକ୍ତ ୬ କେଜି ପର୍ଯ୍ୟନ୍ତ ଧାନ କାଟୁଛନ୍ତି । ଯାହାକି ଚାଷୀଙ୍କ ଠାରୁ ଏପରି ବାବଦରେ ପାଖାପାଖି ୯୦ କେଜି ଧାନ ଯାଉଛି । କିନ୍ତୁ ପାଉଛି ୮୦ କେଜି ଧାନର ମୂଲ୍ୟ । ଏପରି କ୍ଷେତ୍ରରେ ଚାଷୀ ବହୁ କ୍ଷତି ସହୁଥିବା ବେଳେ ଅଖା ବାବଦରେ ଏକ ଟଙ୍କା ବି ପାଇନଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଗୁଣାତ୍ମକ ଧାନ ଧରିଗଲେ ମଧ୍ୟ ମିଲର ଏଣୁତେଣୁ ଧାନ କହି ୬ କେଜି ପର୍ଯ୍ୟନ୍ତ ଧାନ କଟଣୀଛଟଣୀ କରୁଥିବା ମଣ୍ଡିରେ ବିକ୍ରି କରିଥିବା ଅନେକ ଚାଷୀ କହିଥିଲେ। ଏହା ସହ ଚାଷୀ କେବଳ ମଣ୍ଡିରେ ନିଜର ଧାନ ଦେବା ଏବଂ ସେଠାରୁ ମିଲର ଧାନ ଉଠାଇବା କଥା। କିନ୍ତୁ ଚାଷୀଙ୍କୁ ମିଲରଙ୍କ ନିକଟକୁ ଧାନ ନେବାକୁ କୁହାଯାଉଛି। ସମସ୍ତ ଖର୍ଚ୍ଚ ଚାଷୀଙ୍କ ମୁଣ୍ଡରେ ପକାଯାଉଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏପରି ସମସ୍ତ ସମସ୍ୟାକୁ ନେଇ ବାରମ୍ବାର ଜିଲ୍ଲାପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସମସ୍ତ ଆଲୋଚନା ପରେ ଶେଷରେ ଚଳିତ ମାସ ୨୮ ତାରିଖରେ କୃଷକ ସଂଗଠନ ପକ୍ଷରୁ ପାରଳାଖେମୁଣ୍ଡି ଫରେଷ୍ଟ ଅଫିସ ଛକରେ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ହଜାର ହଜାର ଚାଷୀ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିବା କୃଷକ ସଂଗଠନର ଜିଲ୍ଲାପ୍ରଭାରୀ ରଞ୍ଜିତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରାସ୍ତାରୋକ ସମୟରେ କୌଣସି ଜରୁରୀ ପରିସ୍ଥିତି ସୃଷ୍ଟି ହେଲେ ଏଥିପାଇଁ କେବଳ ଜିଲ୍ଲାପ୍ରଶାସନ ହିଁ ଦାୟୀ ରହିବେ ବୋଲି କହିଛନ୍ତି। ଚାଷୀଙ୍କ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ତଥା ଜିଲ୍ଲାପରିଷଦ ସଦସ୍ୟ ଏସ୍.ବାଲାରାଜୁ, ମାଛମରା ସରପଞ୍ଚ ଟି.ତିରୁପତି, ଚାଷୀ ଟି. ଶ୍ରୀନୁ, ପି.ପୋଲେୟା, ପି.ପୋଲେୟା, ପ୍ରକାଶ ନାୟକ, ଗଣେଶ ବେହେରା, ପି.ତିରୁପତି, ଦାମରାଓ, କାଶୀନଗର ବ୍ଲକର ଚାଷୀନେତା ରାମପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ ।

## ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇକିଆ,୨୩।୧(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧକ୍ଷ ଉମାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ମୁଖ୍ୟବକ୍ତା ଭାବେ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣତୀ ଦାସ, ସମ୍ମାନୀତ ଅତିଥି ଭାବେ ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ରାଇକିଆ ବ୍ଲକ ଅଧକ୍ଷା ରୀନା ପ୍ରଧାନ, ବିଡିଓ ସବ୍ୟସାଚୀ ସାହୁ, ତହସିଲଦାର ବରିୟାଲ ମୁର୍ମୁ, ଥାନା ଅଧିକାରୀ ଏ. ସ୍ୱର୍ଣ୍ଣଲତା ପାତ୍ର ଓ ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ଜ୍ୟୋତିଶ୍ରୀ'କୁ ଉନ୍ମୋଚନ କରାଯାଇଥିଲା । ଶିକ୍ଷା, କ୍ରୀଡ଼ା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ବେଣୁପାଣି ମହାପାତ୍ର ଏବଂ ଅଧ୍ୟାପିକା ମଞ୍ଜୁଳା ସାହୁ ସଭା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଅଧ୍ୟାପକ ଜଗନ୍ନାଥ ଦାସ, ଡ. ସନ୍ତୋଷ କୁମାର ନାୟକ, ଦିଲୀପ କୁମାର ନାୟକ, ବିଶ୍ୱବିହାରୀ ଦଳେଇ, ପ୍ରମୋଦ କୁମାର ନାଏକ, ସାରଙ୍ଗଧର ମାମ୍ବାଲାକା ଓ ଅଧ୍ୟାପିକା ଲିଜାଲିନ ଭୋଇ ପରିଚାଳନାରେ ସହଯୋଗ କରିଥିଲେ।

## ଭିଜିଲାନ୍ସର ଖୋଳତାଡ଼ ପରେ ପଟ୍ଟନାୟକ ବନ୍ଧ ପରିସରରେ ସଫେଇ



ପାରଳାଖେମୁଣ୍ଡି,୨୩।୧(ସମିସ): ପାରଳାଖେମୁଣ୍ଡି ପୌରପରିଷଦରେ ଥିବା ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ ହୋଇ କାମ ହୋଇଥିବା ଦର୍ଶାଯାଇଥିଲା । କିନ୍ତୁ ପ୍ରକୃତ ପକ୍ଷେ ଟଙ୍କା ଖର୍ଚ୍ଚର ତୁଳନାରେ ସେପରି ଆଖିଦୃଶିଆ କାମ ହୋଇନଥିବା ଏବଂ ଯାହାବି ହୋଇଛି ନିମ୍ନ ଓ ବେନିୟମ କାମ ହୋଇଥିବାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲା । ଏହି ବନ୍ଧର ପୁନରୁଦ୍ଧାର ନାମରେ ଅର୍ଥ ହେରଫେର କରାଯାଇଥିବା ଅଭିଯୋଗକୁ ନେଇ ଗତକାଲି ବ୍ରହ୍ମପୁର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଖୋଳତାଡ ଆରମ୍ଭ କରିଛି। ଏହି ଟିମ୍ ଏହାର ଚାରିପାଖ ତଥା ବନ୍ଧ ଏବଂ ଏହାର ପରିସର ଅନାବନା ଗଛଲତା ଉଠିଯାଇଥିବାରୁ କୌଣସି କାମ ହୋଇଛି କି ନାହିଁ ତାହା ଜଣାପଡୁ ନଥିବାରୁ ବିରକ୍ତି ପ୍ରକାଶ କରିଥିଲେ । ପୌର ନିର୍ବାହୀ ଅଧିକାରୀ ୭ ଦିନ ମଧ୍ୟରେ ସଫେଇ କରାଯିବ ବୋଲି ମହଲତ ମାଗିଥିଲେ । ଆଜି ପଟ୍ଟନାୟକ ବନ୍ଧର ପରିସରରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ଭିଜିଲାନ୍ସ ଖୋଳତାଡ ଆରମ୍ଭ ପରେ ପୌର ପ୍ରଶାସନ ଚେତି ଉଠି ସଫେଇ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି । ପ୍ରକାଶ ଯେ ଏହି ବନ୍ଧ୧୫ ବର୍ଷରୁ ଅଧିକ ସମୟ ହେଲା ଲୋକଙ୍କ ଉପଯୋଗୀ ହୋଇପାରୁନାହିଁ । ଉନ୍ନୟନ ନାମରେ ବାରମ୍ବାର କାମ କରିବା ଆଳରେ ବନ୍ଧର ଜଳରାଶିକୁ ଶୁଖାଇ ଦିଆଯାଇଛି । ଦୁର୍ନୀତି ଅଭିଯୋଗ ହେବା ପର ଠାରୁ ଏହି ବନ୍ଧ ପ୍ରତି କାହାର ଦୃଷ୍ଟି ପଡୁନଥିଲା। ୧୫ ବର୍ଷରୁ ଅଧିକ ସମୟ ଧରି ଅପନ୍ତରା, ପୁତିଗନ୍ଧମୟରେ ପଡି ରହିଛି । ଭିଜିଲାନ୍ସ ତଦନ୍ତ ନାମରେ ସଫେଇ ହେଉଥିବାକୁ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି ।

## ଗଜପତି ପୁଲିସର ୧୨ ଇନ୍ସପେକ୍ଟରଙ୍କୁ ବଦଳି

ପାରଳାଖେମୁଣ୍ଡି,୨୩।୧(ସମିସ): ଗଜପତି ଜିଲ୍ଲାର ୧୨ ଜଣ ପୁଲିସ ଇନ୍ସପେକ୍ଟରଙ୍କ ଜିଲ୍ଲା ମଧ୍ୟରେ ଅଦଳବଦଳ କରାଯାଇଛି। ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଓ ରାମଗିରି ଦୁଇଟି ଥାନା ଅଧିକାରୀଙ୍କୁ ଛାଡିଦେଲେ ଅବଶିଷ୍ଟ ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି । ରାୟଗଡ ଥାନା ଅଧିକାରୀ କମଳା ଚୌଧୁରୀଙ୍କୁ ସେରଙ୍ଗ ଥାନା, ଗାରାବନ୍ଧା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକାଙ୍କୁ ଅଡବା , ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ରଙ୍କୁ ମୋହନା , ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳଙ୍କୁ ଆର୍.ଉଦୟଗିରି, ଆର୍.ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ରାୟଗଡ , ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ଗାରାବନ୍ଧ , ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡାଙ୍କୁ ଗୁରାଣ୍ଡି ଥାନାକୁ ବଦଳି ହୋଇଛି । ସେହିପରି ଅଡବା ଥାନା ଇନସ୍ପେକ୍ଟର ନଳନୀ କୁମାରୀ କହଁରଙ୍କୁ ଅଡବା ଥାନାର ଅତିରିକ୍ତ ଥାନା ଅଧିକାରୀ, ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଡିସିଆରବିରେ ଥିବା ତ୍ରିନାଥ ସେଠୀଙ୍କୁ କାଶୀନଗର ଥାନା ଅଧିକାରୀ ଏବଂ ପୁଲିସ ମୁଖ୍ୟାଳୟରେ ଥିବା ସନ୍ତୋଷ ବିଷୋୟୀଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଡିଏଚ୍ଆରପିସି ବିଭାଗ, ପୁଲିସ ମୁଖ୍ୟାଳୟରେ ଥିବା ବାଲ୍ମିକି ପ୍ରଧାନଙ୍କୁ ପାରଳାଖେମୁଣ୍ଡି ଟ୍ରାଫିକ୍ ୱିଙ୍ଗ ଓ ପୁଲିସ ମୁଖ୍ୟାଳୟରେ ଥିବା କଳ୍ପଲତା ପ୍ରଧାନଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଡିସିଆରବିକୁ ବଦଳି ହୋଇଥିବାର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ପ୍ରେରିତ ହୋଇଥିବା ଚିଠିରୁ ଜଣାପଡିଛି । ବଦଳି ହୋଇଥିବା ସମସ୍ତ ୧୨ଜଣ ଇନ୍ସପେକ୍ଟରଙ୍କୁ ଚଳିତ ମାସ ୨୭ ତାରିଖ ସୁଦ୍ଧା ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

## ତୃତୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଫିରିଙ୍ଗିଆ,୨୩।୧(ସମିସ): ଏବିବି ଯୁବକ ସଂଘ ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଡମାଙ୍ଗପଦର ବିଏସଏଫ କ୍ୟାମ୍ପ ଖେଳ ପଡିଆରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବରେ ୧୩୬ ବିଏସଏଫର ମିଙ୍ଗୁନପଦର କମାଣ୍ଡର ନିର୍ମଳ ଚନ୍ଦ୍ର ଦାଶ ଯୋଗ ଦେଇ ପ୍ରତିଯୋଗିତାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁମେରୁବନ୍ଧ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ବିଗ କହଁର, ସମିତିସଭ୍ୟ ରବୀନ୍ଦ୍ର କହଁର, ଯୁବକ ସଂଘ ସଭାପତି ରବୀନ୍ଦ୍ର ଠେଲା ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଆଇଜିଜେ ଷ୍ଟାର ବୃଡ଼ିଗୁଡା ସହ ମିଙ୍ଗୁନପଦର ୧୩୬ ବାଟାଲିଅନ ଟିମ ମଧ୍ୟରେ ହୋଇଥିଲା। ଏଥିରେ ୧୩୬ ବାଟାଲିଅନ ମିଙ୍ଗୁନପଦର ୧-୦ ଗୋଲରେ ବିଜୟୀ ଲାଭ କରିଥିଲା। ଫିରିଙ୍ଗିଆ ବ୍ଲକର ବଛା ବଛା ୧୬ ଫୁଟବଲ ଟିମ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୬ ତାରିଖରେ ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ ସଂଘର ସଭାପତି ରବୀନ୍ଦ୍ର ଠେଲା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୩ ମ୍ୟାଚ ହେବାକୁ ଥିବା ବେଳେ ଯୁବକ ସଂଘର ସଭାପତି, ସମ୍ପାଦକ ଇନ୍ଦ୍ରଜିତ କହଁର, ପରିଚାଳକ ସୁଶାନ୍ତ ଦୀପଙ୍କ ସହ ଯୁବକ ସଂଘର ସଦସ୍ୟଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



## ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୩।୧(ସମିସ): ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତ ଲଦା ଡେଲରପଡା ସାହିରେ ଶୁକ୍ରବାର ଦିନ ଦଶଟା ସମୟରେ ପାଣିରେ ବୁଡି ଜଣେ ବିବାହିତ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ସେହି ଡେଲରପଡା ସାହିର ଶତ୍ରୁଘନ ମାଝୀଙ୍କ ସ୍ତ୍ରୀ ମିଲି ସାହୁ । ମହିଳା ଜଣକ ଅପସ୍ମାର ରୋଗରେ ପିଡିତ ଥିବା ବେଳେ ଶୁକ୍ରବାର ସକାଳେ ସେ ଗାଁ ପାଖରେ ଥିବା ଏକ ଚହଲା ଚୂଆଁକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ହଠାତ ତାଙ୍କର ରୋଗ ବାହାରିଥିଲା ଏଥିରେ ସେ ପାଣିରେ ପଡ଼ି ବୁଡ଼ିଯାଇଥିଲେ। ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଚୂଆଁରୁ ମହିଳାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ କରୁଛି।



## କୂଅରୁ ବୃଦ୍ଧାଙ୍କୁ ଉଦ୍ଧାର କଲା ଦମକଳ ବାହିନୀ

ଜି.ଉଦୟଗିରି,୨୩।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ଗ୍ରାମର ଜଗନ୍ନାଥ ମନ୍ଦିର ନିକଟର ଶଶି ସାହୁ ନାମକ ଜଣେ ବୃଦ୍ଧାଙ୍କୁ ଦମକଳ ବାହୀନୀ କୂଅରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ବୃଦ୍ଧା ଶଶି ସାହୁ କୌଣସି କାରଣରୁ ଘର ଭିତରେ ଥିବା କୂଅରେ ପଡ଼ିଯାଇଥିଲେ। ସେହି ସମୟରେ ଘରେ କେହି ନ ଥିଲେ। ଦୁଇ ଘଣ୍ଟା କୂଅ ଭିତରେ ରହିଥିଲେ। ନାତୁଣୀ ଘରକୁ ଆସି ଜେଜେ ମା କୂଅରେ ପଡିଥିବାର ଦେଖି ସାହି ପଡୋଶୀ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ବହୁ ଚେଷ୍ଟା କରି କୂଅରୁ ତାଙ୍କୁ ଉଦ୍ଧାର କରି ପାରିନଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି କୂଅରୁ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଜିଲ୍ଲାସ୍ତରୀୟ ନେତାଜୀ ଓ ବୀରସୁରେନ୍ଦ୍ର ସାଏ ଜୟନ୍ତୀ



ପାରଳାଖେମୁଣ୍ଡି,୨୩।୧(ସମିସ): ପାରଳାଖେମୁଣ୍ଡିରେ ଜିଲ୍ଲାସ୍ତରୀୟ ନେତାଜୀ ସୁଭାଷ ବୋଷ ଜୟନ୍ତୀ ପାଳିତ ହୋଇଛି। ପୁରୁଣା କୋର୍ଟ ଛକ ନିକଟସ୍ଥ ସୁଭାଷ ନଗରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଥିଲା। ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ପାରଳାଖେମୁଣ୍ଡି ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ଯୋଗଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ସମେତ ପୌରପରିଷଦର ସମସ୍ତ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ସରସ୍ୱତୀ ପୂଜା, ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ



ପାରଳାଖେମୁଣ୍ଡି, ୨୩।୧ (ସମିସ): ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ପାଳିତ ହୋଇଛି । ଛାତ୍ରଛାତ୍ରୀ ତଥା ପୁରୋହିତଙ୍କ ଦ୍ୱାରା ମାଙ୍କ ଆବାହନ,ପୂଜନ ଏବଂ ହୋମ, ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ପାରଳାଖେମୁଣ୍ଡିର ୧୦୦ରୁ ଅଧିକ କୁନି କୁନି ଶିଶୁ ପିତାମାତାଙ୍କ ସହ ଆସି ଖଡ଼ିଛୁଆଁ ମାଧ୍ୟମରେ ବିଦ୍ୟାରମ୍ଭ ସଂସ୍କାର କରିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ତଥା ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମଧ୍ୟ ଆଜିର ଦିନରେ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ସ୍କାଉଟ୍,ଗାଇଡ୍ ଓ ସିଭିଲିଏନ୍ ଦଳର କ୍ୟାଡେଟ୍ ଓ ବିଦ୍ୟାଳୟର ଘୋଷ ଦଳ ଛାତ୍ରଛାତ୍ରୀ ତଥା ସୁବାଷ ସେବା ଦଳର ସଦସ୍ୟ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରବନ୍ଧ ଲିଖନରେ ଅଭିଳାଷ ପ୍ରଥମ



ଜି.ଉଦୟଗିରି,୨୩।୧(ସମିସ): କନ୍ଧମାଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଜି. ଉଦୟଗିରି ହବାକ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଅଭିଳାଷ ପଟ୍ଟନାୟକ। ସେ ରାଜ୍ୟସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଗତ ୧୦ ତାରିଖରେ ଫୁଲବାଣୀରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହେଇଥିଲା । ଏଥିରେ ଡିଭିଜନରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଅଭିଳାଷ ପ୍ରଥମ ହୋଇଥିଲେ। ଜିଲ୍ଲାସ୍ତରୀୟରେ ପ୍ରଥମ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କ ପ୍ରବନ୍ଧ ରାଜ୍ୟସ୍ତରରେ ମୂଲ୍ୟାୟନ କରାଯାଇଥିଲା। ଏଥିରେ ଅଭିଳାଷ ପ୍ରଥମ ହୋଇଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନର ଉଦଯାପନ କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱର ଲୋକସେବା ଭବନ ପରିସରରେ ଆୟୋଜିତ ହୋଇଥିଲା। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଭିଳାଷଙ୍କୁ ପୁରସ୍କୃତ କରିଥିଲେ। ଏହା ଶିକ୍ଷନୁଷ୍ଠାନ ସହିତ ଜିଲ୍ଲା ପାଇଁ ପାଇଁ ଗୌରବ ହୋଇଥିବାରୁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଗଞ୍ଜେଇ ଭର୍ତ୍ତି ଅଟୋ ଜବତ; ଡ୍ରାଇଭର ସହ ୫ ଗିରଫ



ଫିରିଙ୍ଗିଆ,୨୩।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ଅଟୋ ସହ ୩୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ଅଟୋ ଚାଳକ ସମେତ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୪ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଗତକାଲି ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସ କୁ ସୂଚନା ମିଳିଥିଲା। ସୂଚନା ପାଇ ଏକ ପୁଲିସ ଟିମ ଗୋଚ୍ଛାପଡା ଫିରିଙ୍ଗିଆ ମୁଖ୍ୟରାସ୍ତାର ମାଝିପଡା ଘାଟିରେ ମାଝିପଡା ପଟୁ ଫିରିଙ୍ଗିଆ ଆଡକୁ ଆସୁଥିବା ଅଟୋକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚରେ ଅଟୋରୁ ଗଞ୍ଜେଇ ବାହାରିଥିଲା। ପୁଲିସ ଗଞ୍ଜେଇ ଜବତ କରିଥିବା ବେଳେ ଅଟୋ ଡ୍ରାଇଭର ଏବଂ ଗଞ୍ଜେଇ ଚାଲାଣ କରୁଥିବା ୪ ଜଣ ମହିଳାଙ୍କୁ ଗିରଫ କରିଥିଲା। ଗିରଫମାନେ ହେଲେ ଅଟୋ ଚାଳକ ମାଝିପଡା ଗାଁର ଅନନ୍ତ ଦିଗାଲ ଏବଂ ସେହି ଗାଁର ୪ ମହିଳା। ଗଞ୍ଜେଇ ଫିରିଙ୍ଗିଆ ଥାନା ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ସୂଚନା ମିଳିଛି।

## ଥାନା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଫିରିଙ୍ଗିଆ,୨୩।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନାଧିକାରୀ ଗୋପୀନାଥ ପ୍ରଧାନଙ୍କ ବଦଳି ହୋଇଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହାସହ ନୂତନ ଭାବେ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମୁରଲୀଧର ସାହୁଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏସଆଇ ପ୍ରମୋଦ ବେହେରା,ଦୀପକ ରାଉତ, ଅଜୟ ସାହୁ, ଏଏସଆଇ ପ୍ରିୟରଂଜନ ନାୟକ, କୃଷ୍ଣ ଦ୍ର ଗୌଡଙ୍କ ସହ ଥାନା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଥାନାଧିକାରୀ ଗୋପୀନାଥ ପ୍ରଧାନଙ୍କୁ ଡ଼ିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲା। ପଦୋନ୍ନତି ପରେ ମଧ୍ୟ ଛଅ ମାସରୁ ଅଧିକ ସମୟ ଧରି ଏଠାରେ ଅବସ୍ଥାପିତ ହୋଇଥିଲେ। ଗତ ପନ୍ଦରଦିନ ତଳେ ତାଙ୍କର କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି ହୋଇଛି ।



● ପାରଳାଖେମୁଣ୍ଡିରେ ମା ସରସ୍ୱତୀ ପୂଜା

## ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଶ୍ରୀଫଳ ଧରା ବେଶ



ପାରଳାଖେମୁଣ୍ଡି,୨୩।୧(ସମିସ): ପାରଳାଖେମୁଣ୍ଡି ସହରରେ ଭକ୍ତିପୂତ ସହ ପାଳିତ ହୋଇଛି ମା ସରସ୍ୱତୀଙ୍କ ପୂଜା ଓ ବସନ୍ତ ପଞ୍ଚମୀ। ଏହି ଦିନ ଅନେକ ଶିଶୁ ଆଜି ବିଭିନ୍ନ ପୂଜାନୁଷ୍ଠାନରେ ଖଡି ଛୁଆଁଇଥିଲେ। ଛୋଟ ଶିଶୁ ମାନେ ଏହି ଦିନ ଖଡି ଛୁଆଇଁ ନିଜର ବିଦ୍ୟା ଆରମ୍ଭ କରିବାର ଏକ ପୌରାଣିକ ପରମ୍ପରା ତଥା ବିଶ୍ୱାସ ରହିଛି । ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବିନୋଦିନୀ ବିଜ୍ଞାନ ମହାବିଦ୍ୟାଳୟ ସହ ବହୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀଙ୍କ ପୂଜା କରାଯାଇଥିଲା। ଆଜିର ପବିତ୍ର ଶ୍ରୀ ପଞ୍ଚମୀ ଅବସରରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଫଳ ଓ ବାଡିଧରା ବେଶରେ ଦର୍ଶନ ଦେଇଥିଲେ ତିନି ଠାକୁର । ଏଥି ପାଇଁ ଜଗନ୍ନାଥ ମନ୍ଦିରରେ ଭିଡ ପରିଲକ୍ଷିତ ହୋଇଥିଲା ।

**ସରସ୍ୱତୀ ପୂଜାରେ ଲଜ୍ଜା**

## ମଦପିଇ ବଜାରରେ ଗଡ଼ିଲେ ନବମ ଶ୍ରେଣୀ ଛାତ୍ର

ଟିକାବାଲି,୨୩।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲିର ଏକ ହାଇସ୍କୁଲର ଦୁଇ ଜଣ ନବମ ଶ୍ରେଣୀ ଛାତ୍ର ସ୍କୁଲ ୟୁନିଫର୍ମ ପରିଧାନରେ ମଦ୍ୟପାନ କରି ବଜାରରେ ଅଚେତ ହୋଇ ପଡ଼ିଥିଲେ। ଏହି ଘଟଣା ସ୍ଥାନୀୟଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେବା ସହ ହଷ୍ଟେଲ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଟିକାବାଲି ପୋଷ୍ଟ ଅଫିସ୍ ନିକଟରେ ଥିବା ବିଏସଏନ୍ଏଲ୍ ଟାୱାର ତଳେ ଦୁଇ ଜଣ ନାବାଳକ ଛାତ୍ର ମଦ ପିଇ ନିଶାସକ୍ତ ଅବସ୍ଥାରେ ପଡ଼ି ରହିଥିଲେ। ସେମାନେ ନିଜ ସ୍ଥିତି ହରାଇ ବାନ୍ତି ମଧ୍ୟ କରିଥିଲେ। ସ୍ଥାନୀୟ ଲୋକେ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଛାତ୍ରଦ୍ୱୟଙ୍କୁ ସ୍କୁଲ ୟୁନିଫର୍ମରେ ଦେଖି ତୁରନ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ଉଭୟ ଛାତ୍ର ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ କରିଥିବା ସ୍ପଷ୍ଟ ହୋଇଛି। ଏହି ଦୁଇ ଛାତ୍ର ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ଅନୁଦାନ ପ୍ରାପ୍ତ ହଷ୍ଟେଲରେ ରହି ପାଠ ପଢୁଥିଲେ। ଏଠାରେ ପ୍ରଶ୍ନ ଉଠୁଛି ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅଜାଣତରେ ଛାତ୍ରମାନେ ବାହାରକୁ ଗଲେ କିପରି? ସ୍କୁଲ ୟୁନିଫର୍ମ ପିନ୍ଧିଥିବା ନାବାଳକଙ୍କୁ ମଦ ବିକ୍ରି କଲା କିଏ? ବିଦ୍ୟାଳୟ ପରିସରର ୧୦୦ ମିଟର ଭିତରେ ନିଶାଦ୍ରବ୍ୟ ବିକ୍ରି ନିଷେଧ ଥିବା ବେଳେ ଏହି ପିଲାମାନଙ୍କ ପାଖକୁ ନିଶା ପହଞ୍ଚିଲା କେଉଁଠୁ? ପ୍ରଧାନ ଶିକ୍ଷକ ଶ୍ରୀ କହଁରଙ୍କ ସୂଚନା ମୁତାବକ, ଛାତ୍ରମାନଙ୍କ ପିତାମାତାଙ୍କୁ ଅବଗତ କରାଯାଇଛି ଏବଂ ସେମାନେ ଆସିବା ପରେ ପିଲାଙ୍କୁ ସ୍କୁଲରୁ ବହିଷ୍କାର କରାଯିବ। ମାତ୍ର ବୁଦ୍ଧିଜୀବୀ ମହଲରେ ଏହାକୁ ନେଇ ଦ୍ୱନ୍ଦ ଦେଖାଦେଇଛି। ଶିକ୍ଷା ବର୍ଷ ମଝିରେ ପିଲାଙ୍କୁ ବହିଷ୍କାର କଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ। ଏହା କର୍ତ୍ତୃପକ୍ଷଙ୍କ ନିଜ ଦୋଷ ଲୁଚାଇବାର ଏକ ମାଧ୍ୟମ ନୁହେଁ କି? ଟିକାବାଲି ହାଇସ୍କୁଲ ପରିସରରେ ପୂର୍ବରୁ ମଧ୍ୟ ଛାତ୍ରମାନେ ବିଡି, ସିଗାରେଟ୍ ଏବଂ ଗୁଟଖା ବ୍ୟବହାର କରୁଥିବା ଅଭିଯୋଗ ରହିଛି। ଆଜିର ଏହି ଅଭାବନୀୟ ଘଟଣା ସେହି ଚର୍ଚ୍ଚାକୁ ସତ ପ୍ରମାଣିତ କରିଛି। ସରକାରୀ ନିୟମ ଓ 'ଦଣ୍ଡମୁକ୍ତ ଅଞ୍ଚଳ' ଘୋଷଣାର ଆଳରେ ଶୃଙ୍ଖଳାଗତ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣା ପାଇଁ କେବଳ ଛାତ୍ରଙ୍କୁ ଦାୟୀ ନକରି, ଯେଉଁ ଦୋକାନୀ ସେମାନଙ୍କୁ ମଦ ଯୋଗାଇଥିଲା ଏବଂ ଯେଉଁ ହଷ୍ଟେଲ ୱାର୍ଡେନଙ୍କ ଅବହେଳା ପାଇଁ ପିଲାମାନେ ବାହାରକୁ ଗଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଟିକାବାଲି ବ୍ଲକ୍ ବିଜେଡିର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା



**ଟିକାବାଲି,୨୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକର ନବନିଯୁକ୍ତ ସଭାପତି ଶ୍ରୀ କହଁରଙ୍କୁ ତୃଣମୂଳ ସ୍ତରର ନେତା ଓ କର୍ମୀ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଗାମୀ ଦିନରେ ଦଳୀୟ ସଂଗଠନକୁ ବ୍ଲକର ପ୍ରତି ପଞ୍ଚାୟତ ଓ ୱାର୍ଡ ସ୍ତରରେ ଅଧିକ ମଜବୁତ କରିବା ପାଇଁ ଏହି ବୈଠକରେ ଦୃଢ଼ ସଂକଳ୍ପ ନିଆଯାଇଛି। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀକହଁର ତାଙ୍କ ପ୍ରତିକ୍ରିୟାରେ ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କନ୍ଧମାଳ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ଜି. ଉଦୟଗିରିର ପୂର୍ବତନ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଟିକାବାଲିର ପୂର୍ବ ବିଧାୟକ ପ୍ରତିନିଧି ତନୁଜ ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ଦିଗାଳ, ସରପଞ୍ଚ କୁନ୍ଦରୁ ମାଲିକ, ଅନ୍ତର୍ଯ୍ୟାମୀ ନାୟକ, ବିଷ୍ଣୁ ଭାଇ, ରଞ୍ଜନ ବିରସେନଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ନେତୃବୃନ୍ଦ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବୈଠକ ଶେଷରେ ଆଗାମୀ ରଣନୀତି ପ୍ରସ୍ତୁତ କରିବା ସହ ଏକତା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।

## ବେଆଇନ ବାଲି ଚାଲାଣ, ଖଣି ବିଭାଗର ଚଢ଼ଉ

**ଛତ୍ରପୁର,୨୩।୧(ସମିସ):** ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚୋରା ଚାଲାଣ କରାଯାଉଥିଲେ ବି ଏହାକୁ ଅଙ୍କୁଶ ଲାଗଇବାରେ ପ୍ରଶାସନ ଫେଲ ହୋଇଛି। ଏନେଇ ବାରମ୍ବାର ଖବର ପ୍ରସାରଣ ପରେ ଚେତିଛି ପୁଲିଛି ଓ ଖଣି ବିଭାଗ। ଏନେଇ ଆଜି ଅପରାହ୍ନରେ ଛତ୍ରପୁର ଥାନା ଅଧିନ ହଂସପୁର ଠାରେ ଥିବା ଋଷିକୁଲ୍ୟା ବାଲି ଘାଟରେ ବେଆଇନ ବାଲି ଘାଟରେ ଚୋରା ଚାଲାଣ ରୋକିବା ନେଇ ପୁଲିସ ଓ ଖଣି ବିଭାଗ ଅଚାନକ ଚଢାଉ କରିଥିଲେ। ସେଠାରେ ଏକ ବେଆଇନ ଭାବେ ଗଚ୍ଛିତ ବାଲିକୁ ଜବତ କରିବା ସହ ଉକ୍ତ ରାସ୍ତାକୁ ଜେସିବି ଦ୍ୱାରା ଖୋଳି ନଷ୍ଟ କରାଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଋଷିକୁଲ୍ୟା ନଦୀରୁ ବାଲି ଆଣିପାରିବେ ନାହିଁ। କିନ୍ତୁ ଚଢ଼ାଉ ସମୟରେ କୌଣସି ଗାଡିକୁ ଜବତ କରିପାରିନାହିଁ ଖଣି ବିଭା। ଗୁରୁବାର ମଧ୍ୟ ଛତ୍ରପୁର ଓ ଗଞ୍ଜାମ ଥାନା ଅଂଚଳରେ ୪ଟି ସ୍ଥାନରେ ବେଆଇନ ଭାବେ ଗଚ୍ଛିତ ହୋଇଥିବା ବାଲି ଡିପୋକୁ ଜବତ କରାଯାଇଥିଲା। ମାଫିଆ ମାନେ ବହୁ ବାଲି ଗଚ୍ଛିତ କରି ପରବର୍ତୀ ସମୟରେ ଏହାକୁ ଟ୍ରାକ୍ଟର ଦ୍ୱାରା ଚଢା ଦରରେ ବିକ୍ରି କରି ବେଆଇନ ଭାବେ ଅର୍ଥ ଉପାର୍ଜନ କରି ଲାଭବାନ ହେଉଛନ୍ତି।

## ବୃଦ୍ଧାଶ୍ରମରେ ଜନ୍ମଦିନ ପାଳିଲେ କାଉନ୍‌ସିଲର

**ଛତ୍ରପୁର,୨୩।୧(ସମିସ):** କିଏ ନିଜ ଜନ୍ମଦିନକୁ କେକ କାଟି ମନାଉଥିବା ବେଳେ କିଏ ମିଷ୍ଟାନ ଓ ଭୋଜି ଭାତ ଆସର କରି ଖୁସି ହେଉଛନ୍ତି। ମାତ୍ର ଛତ୍ରପୁର ଏନଏସିର ୧୦ନଂ ୱାର୍ଡ କାଉନସିଲର ତଥା ଯୁବ ସମାଜସେବୀ ଦେବାଶିଷ ମିଶ୍ର ନିଜ ଜନ୍ମଦିନ ଏକ ନିଆରା ଭାବେ ପାଳନ କରିଛନ୍ତି। ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୁତରସରସିଙ୍ଗି ଠାରେ ଥିବା ବୃଦ୍ଧାଶ୍ରମରେ ପହଞ୍ଚି ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟାଇ ନିଜ ଜନ୍ମ ଦିନ ପାଳନ କରିଛନ୍ତି। ସେମାନଙ୍କ ନିମନ୍ତେ ଉତ୍ତମ ଖାଦ୍ୟର ବ୍ୟବସ୍ଥା କରିବା ସହିତ କାଉନସିଲର ଶ୍ରୀ ମିଶ୍ର ସମସ୍ତଙ୍କୁ ନିଜ ହାତରେ ବିଭିନ୍ନ ଖାଦ୍ୟ ପରିସି ଥିଲେ। ଏହି ଅବସରରେ ଟ୍ରଷ୍ଟର ଉପଦେଷ୍ଟା ତଥା ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜାମ ପୁଲିସର ଅପରେସନ ଅନ୍ୱେଷଣ**

## ଦ୍ୱିତୀୟ ଦିନରେ ୩୦ ଜଣ ଉଦ୍ଧାର

**ଛତ୍ରପୁର,୨୩।୧(ସମିସ):** ଅପେରସନ ଅନ୍ୱେଷଣର ଦ୍ୱିତୀୟ ଦିନରେ ଗଞ୍ଜାମ ପୁଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ୩୦ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୬ ଜଣ ନାବାଳକ/ନାବାଳିକା ରହିଥିବା ବେଳେ ୨୪ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଏହି ଅପେରସନ ଅନ୍ୱେଷଣ ଚଳିତ ମାସ ଶେଷ ପ୍ରର୍ଯ୍ୟନ୍ତ ଚାଲିବ ବୋଲି ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଛତ୍ରପୁର ଥାନା ପକ୍ଷରୁ ୪ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଖଲିକୋଟ, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, କୋଦଳା, ବେଗୁନିଆପଡା ଓ ଜଗନ୍ନାଥ ପ୍ରସାଦ ଥାନ ପକ୍ଷରୁ ୨ ଜଣ ଲେଖାଏଁ ଏବଂ ପୋଲସରା, ଧରାକୋଟ, ହିଞ୍ଜିଳି, ଶେରଗଡ଼, ସୋରଡ଼ା, ଭଞ୍ଜ ନଗର, ବେଲଗୁଣ୍ଠା ଓ ତାରସିଂ ଥାନା ପକ୍ଷରୁ ଜଣେ ଲେଖାଏଁ ମହିଳା ଙ୍କୁ ଉଦ୍ଧାର କରାଯାଇଛି କ୍ଷ ସେହିପରି ଖଲିକୋଟ ଥାନା ପକ୍ଷରୁ ଜଣେ ନାବାଳକ ଏବଂ ପୁରୁଷୋତ୍ତମପୁର, ଭଞ୍ଜ ନଗର, ବୁଗୁଡ଼ା, ତାରସିଂଓ ଗାଙ୍ଗପୁର ପୁଲିସ ଥାନା ପକ୍ଷରୁ ଜଣେ ଲେଖାଏଁ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଓକିଲ ସଂଘ ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ସପକ୍ଷରେ ସୁପ୍ରିମକୋର୍ଟ

- ପ୍ରମୁଖ ପଦବୀ କିମ୍ବା କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀରେ ରହିବ ୩୦ପ୍ରତିଶତ ସଂରକ୍ଷଣ
- ସବୁ ରାଜ୍ୟର ଉଚ୍ଚ ନ୍ୟାୟାଳୟକୁ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ
- ମାମଲାର ପରବର୍ତ୍ତି ଶୁଣାଣି ମାର୍ଚ୍ଚ ୧୩ରେ, ଓଡିଶାରେ ମାର୍ଚ୍ଚ ୨୮ ରେ ହେବ ନିର୍ବାଚନ

**ବ୍ରହ୍ମପୁର,୨୩।୧(ସମିସ)**

ସାଧାରଣ ନିର୍ବାଚନ ଭଳି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ସପକ୍ଷରେ ରାୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏନେଇ ୧୪୦୪/୨୦୨୫ ପିଟିସନ ଉପରେ ମାନ୍ୟବର ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଶୁଣାଣି କରି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲଙ୍କ ସମେତ ଦେଶର ସମସ୍ତ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲଙ୍କୁ ସଠିକ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତି ଶୁଣାଣି ମାର୍ଚ୍ଚ ୧୩ତାରିଖକୁ ସ୍ଥିର ହୋଇଥିବା ବେଳେ ତାହା ପୂର୍ବରୁ ସମସ୍ତ ଓକିଲ ସଂଘର ତଥ୍ୟ ଦାଖଲ କରିବାକୁ କୁହାଯାଇଥିବା ଜଣାପଡିଛି। ନିଜୟ ରାୟରେ ଖଣ୍ଡପୀଠ ଓକିଲ ସଂଘର ପ୍ରମୁଖ ପଦବୀ ଅଥବା ଏକ୍‌ଜିକ୍ୟୁଟିଭ ବଡି ସଦସ୍ୟ ପଦବୀର ଶତକଡା ୩୦ପ୍ରତିଶତ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷଣ ରଖିବା ସପକ୍ଷରେ ମତ ଦେଇଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ପାଇଁ ଶତକଡା ୩୩ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ ଓକିଲ ସଂଘର ନିର୍ବାଚନରେ ଏହି ବ୍ୟବସ୍ଥା ନଥିଲା। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆଗାମୀ ଦିନରେ ହେବାକୁ ଥିବା ଓକିଲ ସଂଘର ନିର୍ବାଚନରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ବୋଲି ଜଣାପଡିଛି।

ପ୍ରକାଶ ଯୋଗ୍ୟ ଯେ ଓଡିଶାରେ 'ୱାନ ବାର ୱାନ ଭୋଟ' ନିୟମ ପ୍ରକାରେ ସମଗ୍ର ରାଜ୍ୟର ସବୁ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଗୋଟିଏ ଦିନରେ ଅର୍ଥାତ୍ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶ କ୍ରମେ ନିର୍ବାଚନ ପୂର୍ବରୁ ନିର୍ଦ୍ଧାରିତ ସମୟରେ ନିର୍ବାଚନ ସୁପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ଓ ଅଡିଟର ନିଯୁକ୍ତି କରିବାକୁ ହୋଇଥାଏ। ଯାହା ନିକଟରେ ସମସ୍ତ ଓକିଲ ସଂଘରେ ସମ୍ପନ୍ନ ହୋଇସାରିଛି। ଗଞ୍ଜାମ ଓକିଲ ସଂଘରେ ସାଧାରଣତଃ ସଭାପତି, ଉପ ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭଳି ୪ଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ କେତେବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉ ତ ଆଉ କେତେବେଳେ ହେଉନଥିବା ଜଣାପଡିଛି। ତେବେ ଗତ ନିର୍ବାଚନରେ ପ୍ରମୁଖ ୪ଟି ପଦବୀ ବ୍ୟତିତ ୭ଟି ଏକଜିକ୍ୟୁଟିଭ ବଡି ସଦସ୍ୟ ପାଇଁ ନିର୍ବାଚନ ହୋଇଥିବା ବେଳେ ସେଥିରୁ ଗୋଟିଏ ମହିଳା ସଦସ୍ୟଙ୍କ ସଂରକ୍ଷିତ ଥିଲା। ବର୍ତ୍ତମାନ ସୁପ୍ରିମ କୋର୍ଟଙ୍କ ସଂରକ୍ଷଣ ନିୟମ ଲାଗୁ ହେଲେ ମୋଟ ୭ଟି କାର୍ଯ୍ୟକାରୀ ସଦସ୍ୟ ପଦବୀରୁ ଶତକଡା ୩୦ପ୍ରତିଶତ ହିସାବରେ ଅନ୍ୟୁନ ୨ଟି ପଦବୀ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ଆଶା କରାଯାଉଛି।

ତେବେ ଏନେଇ ସୁପ୍ରିମକୋର୍ଟଙ୍କ ରାୟ ଓଡିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ଆସିବା ପରେ ତାହା ରାଜ୍ୟରେ ନିର୍ବାଚନ ପରିଚାଳନା କରୁଥିବା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶ ଓ ପରାମର୍ଶ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଗଞ୍ଜାମ ଓକିଲ ସଂଘର ନବ ନିର୍ବାଚିତ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ନୟନ ଚନ୍ଦ୍ର ମହାପାତ୍ର।

**କୋଟି କୋଟି ଟଙ୍କା ବକେୟା**

## ନିର୍ଦ୍ଧାରିତ ତାରିଖରେ ଛତୁଆ ମିଶ୍ରଣ ହେଲାନି

**ଛତ୍ରପୁର,୨୩।୧(ସମିସ):** ସରକାରଙ୍କ ନିୟମନୁସାରେ ପ୍ରତିମାସର ୨୩ ତାରିଖରେ ସମଗ୍ର ରାଜ୍ୟର ଛତୁଆ ପ୍ରସ୍ତୁତ ୟୁନିଟ୍ ଗୁଡିକରେ ଛତୁଆ ମିଶ୍ରଣ ହୋଇଥାଏ। ହେଲେ ଗଞ୍ଜାମ ଜିଲ୍ଲାରେ ଆଜି ତାହାକୁ କାର୍ଯ୍ୟକାରୀ କରାଯାଇ ନାହିଁ ଆଜି ରାଜ୍ୟରକେବଳଗଞ୍ଜାମଜିଲ୍ଲାକୁବାଦ୍‌ଦେଇଅନ୍ୟ ସମସ୍ତ ଜିଲ୍ଲାର ଛତୁଆ ପ୍ରସ୍ତୁତକାରୀ ୟୁନିଟ୍‌ରେ ଛତୁଆ ମିଶ୍ରଣ ହୋଇଛି। ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାର ପ୍ରତି ଛତୁଆ ୟୁନିଟ୍‌କୁ ୩ ମାସର ବକେୟା ଟଙ୍କା ବାକି ରହିଛି । ସେହିପରି ମନ୍ତ୍ରୀ ସ୍ୱର୍ଣ୍ଣ ପ୍ରକଳ୍ପ ଯୋଜନା (ଏମ୍‌ଏସ୍‌ପିୱାଇ) ରେ ବାଦାମ୍, ବୁଟ, ଚଣା, ମୁଡି, ରାଶି ଲଡୁ ଏବଂ ଟେକ୍ ହୋମ୍ ରାସନ୍ (ଟିଏଚ୍‌ଆର)ରେ ଛତୁଆ ବଣ୍ଟନ ଆଦି ବାବଦରେ ପ୍ରତି ଛତୁଆ ପ୍ରସ୍ତୁତ ୟୁନିଟ୍‌ର ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସର ବିଲ୍ ହୋଇନଥିବା ବେଳେ କୋଟି କୋଟି ଟଙ୍କା ବାକି ପଡିରହିଛି। ଫଳରେ କୌଣସି ଛତୁଆ ୟୁନିଟ୍ ସରକାରଙ୍କ ନିର୍ଦ୍ଧାରଣ କରାଯାଇଥିବା ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ମିଶ୍ରଣ ପ୍ରକ୍ରିୟା କରାଯାଇ ନାହିଁ ବୋଲି ସୂଚନା ମିଳିଛି। ଏହି ବାବଦରେ ପ୍ରତି ଛତୁଆ ୟୁନିଟ୍‌କୁ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ପ୍ରାୟ ୧ କୋଟି ଟଙ୍କା ଲେଖାଁଏ ବକେୟା ରହିଥିବା ନେଇ ଜିଲ୍ଲାର ୩୫ ଛତୁଆ ୟୁନିଟ୍‌କୁ ପ୍ରାୟ ୩୦ କୋଟି ଟଙ୍କାରୁ ଅଧିକ ଟଙ୍କା ବକେୟା ରହିଛି। ବାରମ୍ବାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଛତୁଆ ୟୁନିଟ୍ ସେମାନଙ୍କ ବକେୟା ଟଙ୍କା ପାଇଁ ଦୌଡି ଦୌଡି ନିରାଶ ହେବା ପରେ ବାଧ ହୋଇ ଏହି ପଦକ୍ଷେପ ନେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା କହିଛନ୍ତି, ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀମାନେ ସେମାନଙ୍କ ବକେୟା ଟଙ୍କା ମିଳିନାହିଁ ବୋଲି ଚଳିତ ମାସ ୨୩ ତାରିଖ ବଦଳରେ ୨୭ ତାରିଖରେ ଛତୁଆ ମିଶ୍ରଣ କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଏହାସହ ଛତୁଆ ବଣ୍ଟନ ବାବଦରେ ଟଙ୍କା ଅକ୍ଟୋବର ମାସର ବିଲ୍ ସେମାନଙ୍କୁ ପଠାଯାଇଛି ବାକି ନଭେମ୍ବର ଓ ଡିସେମ୍ବର ଦୁଇମାସର ଗତକାଲି ରାତିରେ ସେମାନଙ୍କ ବକେୟା ଟଙ୍କା ଟ୍ରେଜାରୀକୁ ପଠାଯାଇଛି । ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଏଦିଗରେ ଗୁରୁତର ସହ ନେଇ ଟ୍ରେଜାରୀ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଛତୁଆ ୟୁନିଟ୍‌ର ବିଲ୍ ଟଙ୍କା ତୁରନ୍ତ ସେମାନଙ୍କ ଆକାଉଣ୍ଟକୁ କିପରି ଯିବ ସେଥିପ୍ରତି ପଦକ୍ଷେପ ନେବାକୁ କହିଛନ୍ତି। ସେହିପରି ସ୍ୱର୍ଣ୍ଣ ପ୍ରକଳ୍ପ ଯୋଜନା (ଏମ୍‌ଏସ୍‌ପିୱାଇ)ରେ ବାଦାମ୍, ବୁଟ, ଚଣା, ମୁଡି, ରାଶି ଲଡୁ ବାବଦରେ ବକେୟା ଟଙ୍କା ମଧ୍ୟ ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯିବାର ପଦକ୍ଷେପ ନିଆଯାଇଛି।

## ଆଜାଦ୍ ହିନ୍ଦ୍ ବିକାଶ ସଂଘ ପକ୍ଷରୁ ୧୯ ତମ ରକ୍ତଦାନ ଶିବିର



**ବ୍ରହ୍ମପୁର,୨୩।୧(ସମିସ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଆଜାଦ ହିନ୍ଦ ବିକାଶ ସଂଘ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଆୟୋଜିତ ୧୯ ତମ ଶିବିରରେ ମୋଟ ୫୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏମକେସିଜି ମେଡିକାଲ ରେକ୍ତ ଭଣ୍ଡାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେଡି ଉପସଭାପତି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଆସ୍କାରୋଡ ଡୁଡୁମା କଲୋନୀ ନିକଟସ୍ଥ ବାଲି ଡିପୋ ପଡିଆରେ ଆୟୋଜିତ ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ସଂଘର ଆବାହକ ନୀଳାଞ୍ଚଳ ବିଶୋୟୀ, ଆଇନଜୀବୀ ରାଜେଶ ପଟ୍ଟନାୟକ ଓ ସନ୍ଦିପ ପାତ୍ରଙ୍କ ସମେତ କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଅଶ୍ୱିନୀ ପଟ୍ଟନାୟକ, ଦୁର୍ଗ ପ୍ରସାଦ ଲାୟକ, ସନ୍ତୋଷ ସେଠୀ, ସୋନାଲି ଗନ୍ତାୟତ, ରଙ୍ଗେଇଲୁଣ୍ଡା ବିଜେଡି ସଭାପତି ଅଜିତ ଦାଶ, ଜିଲ୍ଲା ପରିଷଦ ସଦସ୍ୟ ଦୀପକ ସାମନ୍ତରାୟ, ବରିଷ୍ଠ ବିଜେଡି ଯୁବନେତା ଅଜୟ ମହାରଣା, ଯୁବ ବିଜେଡି ନେତା ଅଜିତ ପଣ୍ଡା, ଦୁର୍ଗା ପଣ୍ଡା, ଛାତ୍ର ବିଜେଡି ସଭାପତି ଶୋଭନ ନାୟକ, ଯୁବ ବିଜେଡି ନେତା ଜ୍ୟୋତି ରଂଜନ ସାହୁ, ଗଞ୍ଜାମ ଓକିଲ ସଂଘର ଯୁଗ୍ମ ସମ୍ପାଦକ ତଥା ବିଜେଡି ଯୁବନେତା ଅସିତ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ଅନୁଷ୍ଠିତ

**ଆସିକା,୨୩।୧(ସମିସ):** ପବିତ୍ର ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ମହା ଆଡମ୍ବରରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଛାତ୍ର ଛାତ୍ରୀ ମାନେ ସମସ୍ତ କାର୍ଯ୍ୟ ସାରି ନୂଆ ପୋଷାକ ପିନ୍ଧି ପୂଜା ପାଇଁ ସମସ୍ତ ସାମଗ୍ରୀ ଧରି ଆନନ୍ଦ ଉଲ୍ଲାସ ସହ ନିଜ ନିଜ ବିଦ୍ୟାଳୟ ଆସି ସରସ୍ୱତୀଙ୍କୁ ପୂଜା କରିଥିଲେ। ସେହିପରି ନୂତନ ବିଦ୍ୟାର୍ଥୀ ମାନେ ବିଧି ଅନୁସାରେ ବିଦ୍ୟାରମ୍ଭ କରାଯାଇଥିଲା। ଆସିକାର ରାମକୃଷ୍ଣ ଆଦର୍ଶ ବିଦ୍ୟା ମନ୍ଦିର, ସଂସ୍କୃତ ମହାବିଦ୍ୟାଳୟ, ନିରଞ୍ଜନ ମହାବିଦ୍ୟାଳୟ, ଆସିକା ବିଜ୍ଞାନ ମହାବିଦ୍ୟାଳୟ, ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର, ବିଭିନ୍ନ ଶିଶୁ ମନ୍ଦିର, ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟରେ ମହା ଆଡମ୍ବରରେ ପାଳନ ହୋଇ ଥିଲା ପୂଜା।

## ହନୁମାନ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ

**ଛତ୍ରପୁର,୨୩।୧(ସମିସ):** ଛତ୍ରପୁର ରେଲୱେ କଲୋନୀ ମହାବୀର ନଗର ସ୍ଥିତ ଶ୍ରୀମହାବୀର ହନୁମାନ ମନ୍ଦିର ପ୍ରତିଷ୍ଠାର ସପ୍ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ୧୦୮ ରାମ ଚରିତ ମାନସ ପୂର୍ଣ୍ଣାହୁତି, ଘୃତଯଜ୍ଞ(ହୋମ), ୧୦୮ ହନୁମାନ ଚାଳିଶା ଏବଂ ଅନୀଯଜ୍ଞ ଅନୁଷ୍ଠିତ ହୋଇଛି। କରାତଳି ଗ୍ରାମର ଶରତ ଚନ୍ଦ୍ର ନାହାକଙ୍କ ତତ୍ତ୍ୱାବଧାନରେ ୧୦୮ ରାମଚତିର ମାନସ ପରାୟଣ ପାଠ ପୂର୍ଣ୍ଣାହୁତି ସଗନୀ ହୋଇଥିଲା। ମୁଖ୍ୟ ପଣ୍ଡିତ ଖଟିଆ ରାମଚନ୍ଦ୍ରପୁର ଗ୍ରାମର ସପନ କୁମାର ଶତପଥୀଙ୍କ ପୌରହିତ୍ୟରେ ହନୁମାନଙ୍କ ଘୃତଯଜ୍ଞ ସଗନୀ ହୋଇଥିଲା। କାର୍ଯ୍ୟକ୍ରମକୁ ସିଏଚ୍.ଦୟାନନ୍ଦ ରେଡ୍ଡୀଙ୍କ ସହ ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲା। ଛତପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ବୋରୱେଲ ଉଦଘାଟନ କରିଥିଲେ।

## କ୍ଳଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ବେଲଗୁଣ୍ଠା,୨୩।୧(ସମିସ):** ବେଲଗୁଣ୍ଠା ସ୍ଥିତ ପଟେଲ ରୋଡ଼ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଡୁରା କ୍ଲଷ୍ଟର ସିଆରସିସି ରମେଶଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ପ୍ରଥମ ଦିବସରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଭା କୁମାରୀ ରଥ ଓ ସନ୍ତୋଷ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିବସରେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥ ଯୋଗ ଦେଇଥିଲେ। ଏଥିରେ ୧୦ଟି ବିଦ୍ୟାଳୟର ଜଣେ ଜଣେ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା, ସହକାରୀ ଶିକ୍ଷୟିତ୍ରୀ ଅଳକା ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ଶିବ ରଞ୍ଜନୀ ସାହୁ, ସହକାରୀ ଶିକ୍ଷକ ଦେବୀ ପ୍ରସାଦ ନାୟକ, ଉପଦେଷ୍ଟା ଭି ଦେବୀ ପ୍ରସାଦପାତ୍ର, ଗୋଷ୍ଠୀ ସହଯୋଗୀ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ବରିଷ୍ଠ ବାମପନ୍ଥୀ ନେତାଙ୍କ ବିୟୋଗ



**ଶେରଗଡ,୨୩।୧(ସମିସ):** ଶେରଗଡ ଅଞ୍ଚଳର ଜଣାଶୁଣା ବର୍ଷିୟାନ ବାମପନ୍ଥୀ ନେତା ରଘୁନାଥ ପାଢୀ (୯୩)ଙ୍କ ଦେହାନ୍ତ ଘଟିଛି। ସ୍ୱର୍ଗତ ରଘୁନାଥ ପାଢୀ ଶେରଗଡ ଜମିଦାର, ମୁସ୍ତାଦାର ବିରୋଧରେ ରଇତ ଆନ୍ଦୋଳନର ବରିଷ୍ଠ ନେତା ଥିଲେ। ସେ ଏକାଧାରରେ କମ୍ୟୁନିଷ୍ଟ ଆନ୍ଦୋଳନର ମୁଖ୍ୟ ଏବଂ ନିଷ୍ଠାପର ଆଜୀବନ କର୍ମୀ ଥିଲେ। ସାମ୍ୟବାଦ ଆନ୍ଦୋଳନର ବିପ୍ଲବୀ, ଏକାଧାରରେ ଶେରଗଡ ଅଞ୍ଚଳର ଜନନାୟକ ରୂପେ ପରିଗଣିତ ଥିଲେ। ସମାଜକୁ ସାମ୍ୟବାଦ, ବିଜ୍ଞାନ ଭିତ୍ତିକ ଦିଗଦର୍ଶନ ଯୋଗାଇଥିଲେ। ପ୍ରତିଟି ଭାଷା ତାଙ୍କର ଶ୍ରେଣୀ, ସଂଗ୍ରାମ, ଶୋଷଣ ବିହୀନ ସମାଜ ତିଆରି କରିବାରେ ଅଗ୍ରଣୀ ଭୂମିକା ଥିଲା। ସାମ୍ୟବାଦ ଏକାଗ୍ରତା, ଗୋଷ୍ଠୀ ଗତ ଜୀବନ ସମସ୍ତଙ୍କୁ ଏପରି ଭାବରେ ବାନ୍ଧି ରଖିପାରିଥିଲେ। ତାଙ୍କର ଆବର୍ତମାନରେ ଶେରଗଡ ଅଞ୍ଚଳ ପାଇଁ ବହୁତ କ୍ଷତି ଘଟିଛି। ରଘୁନାଥ ପାଢୀଙ୍କ ଦେହାନ୍ତରେ ଏକ ସାମ୍ୟବାଦ ଯୁଗ ଜନ୍ମାଙ୍କ ଦେହାନ୍ତ ଘଟିଛି। ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଶେରଗଡ ପାଢୀ ସାହିସ୍ଥିତ ବର୍ଷୀୟାନ କମ୍ୟୁନିଷ୍ଟ ନେତା ରଘୁନାଥ ପାଢୀଙ୍କ ଦେହାନ୍ତ ହୋଇଥିବା ବେଳେ ଶୋକାକୁଳ ପରିବେଶ ମଧ୍ୟରେ ମର ଶରୀର ରେ ଲାଲ ପତାକା ପ୍ରଦାନ ପୂର୍ବକ ଦଳୀୟ ସମ୍ମାନ ପ୍ରଦର୍ଶନ କରାଯାଇ ଗ୍ରାମର ଶ୍ମଶାନ ରେ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ଝୁମ୍ପା ପାଢୀ, ଦୁଇ ପୁଅ ବଳରାମ ପାଢୀ, ରାଧାଶ୍ୟାମ ପାଢୀ, ପୁତ୍ର ବଧୂ ସବିତା ପାଢୀ,ରାଧାରାଣୀ ପାଢୀଙ୍କ ସମେତ ପରିବାରର ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବର୍ଷୀୟାନ କମ୍ୟୁନିଷ୍ଟ ନେତାଙ୍କ ବିୟୋଗରେ ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଲୋକସଂଗ୍ରାମ ମଞ୍ଚର କାର୍ଯ୍ୟକାରୀ ସଭାପତି ଭାଲଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ସରପଞ୍ଚ ଗୋପାଳ ପାଢୀ, ବରିଷ୍ଠ ଆଇନଜୀବୀ ତଥା ଆଖୁଚାଷୀ ନେତା ତଥା ଗଞ୍ଜାମ ଜିଲ୍ଲା ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ବରିଷ୍ଠ ବିଜେଡି ନେତା ହୃଷିକେଶ ପାଢୀ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ସାମ୍ବାଦିକ ମେଘନାଦ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢୀ, ବରିଷ୍ଠ କଂଗ୍ରେସ ନେତା ସିମାଞ୍ଚଳ ମହାପାତ୍ର, ସାମ୍ବାଦିକ ଶଙ୍କର ପ୍ରସାଦ ପ୍ରଧାନ, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ ଓ ଇ.ଚିନ୍ମୟ ପାତ୍ର, ବରିଷ୍ଠ କମ୍ୟୁନିଷ୍ଟ ନେତା ହରପ୍ରସାଦ ଆଚାରୀ, ଅବସରପ୍ରାପ୍ତ ଶିକ୍ଷକ ପଠାଣି ଭଞ୍ଜ, ବରିଷ୍ଠ ଆଇନଜୀବୀ ରଘୁନାଥ ପଶୁପାଳକ, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀ, ସମାଜସେବୀ ଅବନୀ କୁମାର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ଚାଷୀଙ୍କୁ ଦାଉସାଧୁଛି ବଣ୍ୟଜନ୍ତୁ**

## କାଶୀନଗର ବ୍ଲକ୍ ଅଞ୍ଚଳରେ ପୁଣି ହାତୀ ଉପଦ୍ରବ

**ଗୋଷାଣି/କାଶୀନଗର,୨୩।୧ (ସମିସ)**



ଗଜପତି ଜିଲ୍ଲାରେ ଧାନ ଅମଳ ସମୟରେ ବଣ୍ୟଜନ୍ତୁଙ୍କ ଉପଦ୍ରବ ବଢୁଛି । ଫଳରେ ଚାଷୀଙ୍କ ଅମଳ ଧାନ ବଣ୍ୟଜନ୍ତୁ ଉଜାଡୁଥିବା ବେଳେ ବନବିଭାଗ ଏହାର ପ୍ରତିକାର ବ୍ୟବସ୍ଥା କରୁନଥିବାରୁ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି । ଗତ କିଛି ଦିନ ହେବ ଉଭୟ କାଶୀନଗର ଓ ଗୋଷାଣି ବ୍ଲକରେ ବଣ୍ୟଜନ୍ତୁଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଅମଳ ଧାନ ନଷ୍ଟ ହେବାର ବହୁ ଦୃଷ୍ଟାନ୍ତ ରହିଛି । ଗୋଟିଏ ବ୍ଲକରେ ହାତୀ ପଲ ଏବଂ ଅନ୍ୟ ବ୍ଲକରେ ବାରହା ଉପଦ୍ରବ। ପ୍ରକାଶ ଯେ ଏହି ଦୁଇ ବ୍ଲକ ଜିଲ୍ଲାର ଭାତହାଣ୍ଡି ଭାବେ ପରିଚିତ । ଏହି ଦୁଇ ବ୍ଲକରେ ଭଲ ଧାନଚାଷ ହୋଇଥାଏ । କିଛି ଦିନ କାଶୀନଗର ବ୍ଲକାଞ୍ଚଳରେ ହାତୀପଲଙ୍କ ଉପଦ୍ରବରେ ବିରାମ ଲାଗିଥିବା ବେଳେ ଆଜି ପୁଣି ବଂଶଧାରା ନଦୀ ଉପକୂଳ ଇଦୁଡି ଅଞ୍ଚଳରେ ୪ ଟିକିଆ ହାତୀ ପଲ ପଶି ଉତ୍ପାତ କରିଛନ୍ତି। ଆଜି ସନ୍ଧ୍ୟାରେ ଫସଲ ଭିତରେ ପଶି ନଷ୍ଟ କରୁଥିବା ଦେଖିବାକୁ ମିଳିଛି । ଦୀର୍ଘ ମାସ ଧରି ହାତୀ ଅଞ୍ଚଳରେ ଡେରା ପକାଇ ଥିବା ବେଳେ ଚାଷୀ ଅମଳ ଧାନକୁ ଜମିରେ ନରଖି ରାସ୍ତା କଡ଼ରେ ଗଦା କରି ଜଗି ବସିଛନ୍ତି । କିନ୍ତୁ ପରିବା ଚାଷୀ ନା ହାତୀକୁ ଜଗି ପାରୁଛନ୍ତି ନାଁ ତୋଳି ପାରୁଛନ୍ତି । ଅମଳ ପୁର୍ବରୁ ହାତୀ ପଲ ପଶି ନଷ୍ଟ କରୁଛନ୍ତି । ଶହ ଶହ ଏକର କଦଳୀ, ଟମାଟ, ବାଇଗଣ, କୋବି ଫସଲ ଜମିରେ ପଶି ନଷ୍ଟ କରୁଛନ୍ତି ହାତୀ ପଲ। ସନ୍ଧ୍ୟା ହେଲେ ମାଡି ଆସୁଛନ୍ତି। ଆଖିରେ ଯାହା ନଜରକୁ ଆସୁଛି ତାକୁ ଦଳି ଚକଟି ନଷ୍ଟ କରୁଛନ୍ତି। ଭୟରେ ଚାଷ ଜମିରେ ପାଦ ଦେଇ ପାରୁନାହାନ୍ତି ଚାଷୀ । ସେପଟେ ବନ କର୍ମଚାରୀ ବାଣ ଫୁଟାଇଘଉଡାଇବା ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ଅଞ୍ଚଳ ଛାଡି ଯାଉନାହାନ୍ତି ହାତୀ ପଲ । ସେହିପରି ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଜଙ୍ଗଲପାଡୁ, ଉତ୍ତରସେଲ୍ଲୀ, କଇଠଡା, ମହାଦେଇପୁର, ଗୁରାଣ୍ଡି, ଗୋଷାଣି ଆଦି ଗ୍ରାମର ଚାଷଜମିରେ ସଞ୍ଜ ନଇଁଲେ ବାରହା ଉତ୍ପାତ କରି ଧାନ ଫସଲ ଉଜାଡୁଛନ୍ତି । ଏହି ବ୍ଲକରେ ମଧ୍ୟ ବନ ବିଭାଗ ବାରହା ପଲକୁ ଘୋଉଡାଇବା ପାଇଁ କୌଣସି ପ୍ରତିକାର କରୁନଥିବା ଚାଷୀ ଅଭିଯୋଗ କରିଛନ୍ତି। ବାରାହା ଗୋଟିଏ କି ଦୁଇ ନୁହେଁ ଏକାଥରକେ ଶହ ଶହ ସଂଖ୍ୟାରେ ପଶି ଖାଉଛନ୍ତି ଯେତିକି ନଷ୍ଟ କରୁଛନ୍ତି ୧୦ ଗୁଣ । ଏପରି ପରିସ୍ଥିତିରେ କୌଣସି ସରକାରୀ ସହାୟତା ନଥିବା ବେଳେ ପ୍ରତିକାର ପାଇଁ ବନବିଭାଗ ପଛଘୁଞ୍ଚା ଦେଉଛି । ଅନ୍ୟପକ୍ଷରେ ଜିଲ୍ଲାରେ ଚାଷୀଙ୍କ ଧାନକ୍ରୟ ପାଇଁ ପ୍ରଶାସନ ବହୁ ବିଳମ୍ବରେ ମଣ୍ଡିକୁ କାର୍ଯ୍ୟକ୍ଷମ କରିଛନ୍ତି । ଯାହା ଫଳରେ ଚାଷୀଙ୍କ ଧାନ କ୍ଷେତଖଳାରେ ପଡି ରହିଛି ।

## ଅଟୋ ସହ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ



**ଦାରିଙ୍ଗବାଡ,୨୩।୧(ସମିସ):** ଅଟୋ ସହ ଗଞ୍ଜେଇ ଜବତ କରି ଜଣଙ୍କୁ ଗିରଫ କରିଛି ପୁଲିସ। ଗୁରୁବାର ଦିନ ଅପରାହ୍ନରେ ଦାରିଙ୍ଗବାଡି ଥାନା ଆମ୍ବଖାଲିଆ ଘାଟିରେ ପୁଲିସ ପାଟ୍ରୋଲି କରୁଥିବା ବେଳେ ଅଟୋରେ ଗଞ୍ଜେଇ ଭର୍ତ୍ତି ହୋଇ ଯାଉଥିଲା। ପୁଲିସ ଯାଞ୍ଚ କରି ଏକ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଅଟୋକୁ ଜବତ କରିଥିଲା। ଗଞ୍ଜେଇ ଚାଲାଣକାରୀକୁ ପୁଲିସ ଗିରଫ କରିଥିଲା। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ସାରଙ୍ଗଡ଼ ଥାନା ବଣ୍ଡୁଡି ଗ୍ରାମର ବନମାଳୀ ଦଳବେହେରା(୩୧) । ଜବତ ଗଞ୍ଜେଇର ବଜାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

